Bhubaneswar- 7 July 2026
ଭୁବନେଶ୍ୱର- ୭ ଜୁଲାଇ ୨୦୨୬
Vol- 1 Issue - 71
ଭାଗ- ୧ ସଂଖ୍ୟା- ୭୧
www.pratishabda.com
Email : pratishabda7@gmail.com
Also Available In : YouTube

ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
‹ଯୋଗାଯୋଗ›
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

ଲଗାଣ ବର୍ଷାରେ ଅସ୍ତବ୍ୟସ୍ତ ଜନଜୀବନ

ସାରା ରାଜ୍ୟରେ ଜଳବନ୍ଦୀ ସ୍ଥିତି

- ବୁଡ଼ିଲା ରାସ୍ତା,ଘାଟ, ଘର ଭିତରେ ପାଣିର ସୁଅ
- ବଢ଼ିଲା ବିଭିନ୍ନ ନଦୀର ଦଳ ସ୍ତର
- ୯ରେ ଖୋଲିବ ହୀରାକୁଦ ଗେଟ
- ଛୋଟ ବନ୍ୟା ଆଶଙ୍କା – ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ
- ବୈତରଣୀ ବିପଦ ସଙ୍କେତ ଟପିଲା
- ବନ୍ୟାପାଣିରେ ଭାସିଯାଇ ଦୁଇ ମୃତ୍ୟୁ
- ଆଜିଠାରୁ ବଦଳିବ ପାଗ , କମିବ ବର୍ଷାର ପରିମାଣ
- ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ
- ଚାଷଜମିର କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର: ଲଗାଣ ବର୍ଷାରେ ବେହାଲ୍ ଓଡ଼ିଶା । ଗାଁରୁ ସହର ଜଳବନ୍ଦୀ ସ୍ଥିତି । ବିଭିନ୍ନ ସ୍ଥାନରୁ ଆସୁଛି ଅଘଟଣର ଖବର । କେଉଁଠି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି, ତ ଆଉ କେଉଁଠି ଠପ୍ ପଡ଼ିଛି ସାଧାରଣ ଜୀବନଯାତ୍ରା । ଏଭଳି ସ୍ଥିତିରେ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବଢ଼ିବା ସହ ଲୋକଙ୍କୁ ଘାରିଛି ବନ୍ୟା ଭୟ । ମୟୂରଭଞ୍ଜ ଜିଲ୍ଲା ଉଦଳାର ଦେଓ ନଦୀ ଓ ଭଞ୍ଜନଗରର ଋଷିକୂଲ୍ୟା ହେଉ, ଅବା ଫୁଲବାଣୀର ବାଘ ନଦୀ, ବୌଦ୍ଧର ସାଲୁଙ୍କି ଓ ସୋନପୁରର ସୁକତେଲ ଓ ମହାନଦୀ । ଲଗାଣ ବର୍ଷା ପରେ କରାଳ ରୂପ ଦେଖି ନଈକୂଳିଆ ଲୋକଙ୍କ ଛାତିରେ ଛନକା ପଶିଛି । ନିଦ ହଜାଇଛି ବନ୍ୟା ଭୟ । ଉଦଳା କଇଁସାରି ଜାମୁଘାଟ ପୋଲ ଉପରେ ୩ ଫୁଟ୍ ପାଣି ଚାଲିଥିବାରୁ ୮ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । କନ୍ଧମାଳ ଜିଲ୍ଲାର କିଛି ସ୍ଥାନରେ ଭୂସ୍ଖଳନ ହୋଇ ପାହାଡ଼ରୁ ମାଟିପଥର ଧସିଛି । ଫିରିଙ୍ଗିଆ ଡୁମୁରିଗାଟାକୁ ରାସ୍ତା ନଥିବାରୁ ଲୋକେ ହଣ୍ଡା ଧରି ଅତି ବିପଦସଂକୁଳ ଭାବେ ବାଘ ନଦୀ ପାରି ହେଉଥିବା ଦେଖିବାକୁ ମିଳିଛି । କନ୍ଧମାଳ, କଟକ ଓ ବଲାଙ୍ଗିର ଜିଲ୍ଲାରେ ଆଜି ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା ହୋଇଥିଲା । କୋରାପୁଟ ସଦର ବ୍ଲକ ଅଫିସ ନିକଟରେ ଘର ଉପରେ ଗଛ ପଡ଼ି ୨ ଜଣ ଗୁରୁତର ହୋଇଛନ୍ତି । ଖୋର୍ଦ୍ଧା ବାଙ୍କୋଇ ସ୍ଥିତ ଅନଙ୍ଗ ନରେନ୍ଦ୍ର କଲେଜ ପାଚେରି ଭୁଶୁଡ଼ିଥିବା ବେଳେ, ଅଳ୍ପକେ ବର୍ତ୍ତି ଯାଇଛନ୍ତି ଛାତ୍ରଛାତ୍ରୀ । ସୁବର୍ଣ୍ଣପୁର ଜିଲ୍ଲାରେ ଗତ ୨୪ ଘଣ୍ଟାରେ ହୋଇଛି ସର୍ବାଧିକ ୩୨୮.୪ ମିଲିମିଟର ବର୍ଷା । ଜିଲ୍ଲାରେ ଥିବା ନିବୃତ୍ତି ନଦୀ, ଶୁକତେଲ, ତେଲ ଓ ମହାନଦୀର ଜଳସ୍ତର ବଢ଼ିବାରେ ଲାଗିଛି । ସୁବର୍ଣ୍ଣପୁର ସହର ବୁଲି ଜଳବନ୍ଦୀ ସ୍ଥିତି ଓ ଡ୍ରେନ୍ ସମସ୍ୟାର ତଦାରଖ କରିଛନ୍ତି ଜିଲ୍ଲାପାଳ ନୃପରାଜ ସାହୁ । ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ରେଳ ଓଭର ବ୍ରିଜ ତଳେ ୪ ଫୁଟ୍ ପାଣି ଚାଲିବା ପରେ ଗୋଛାସାହି, ଢ଼ିପାସାହି, ଗୋଠସାହି ଆଦି ଗାଁ ପାଣିଘେରରେ ରହିଛି । ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ଘରେ ପାଣି ପଶିଛି । କଟକର ବିଭିନ୍ନ ସ୍ଥାନରେ ପାଣି ଜମିଛି । ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, କେନ୍ଦୁଝର ଜିଲ୍ଲାର ତେଲକୋଇ ଓ ଆନନ୍ଦପୁର ଆଦି ଅଞ୍ଚଳରେ ବନ୍ୟାସ୍ଥିତି ସୃଷ୍ଟି ହୋଇଛି । ତେଲକୋଇ- ଜଗମୋହନପୁର ପୂର୍ତ୍ତ ରାସ୍ତାର ହନୁମନ୍ତିଆ ନାଳରେ ନିର୍ମାଣଧୀନ ପୋଲ ସେଣ୍ଟ୍ରିଙ୍ଗ୍ ଓ ଡ୍ରାଇଭର୍ସନ ରାସ୍ତା ଧୋଇଯାଇଛି ।... ହନୁମନ୍ତିଆ ନାଳରେ ପ୍ରବଳ ବର୍ଷା ଜଳ ପ୍ରବାହିତ ହେଉଥିବା ବେଳେ ଏକ ଦନ୍ତାହାତୀ କିଛି ସମୟ ଧରି ଫସି ରହିଥିବା ଦେଖିବାକୁ ମିଳିଥିଲା । ଅନ୍ୟପଟେ ଲଗାଣ ବର୍ଷାରେ ସମ୍ବଲପୁରର ହାଲ୍ ବେହାଲ । ସମ୍ବଲପୁରର ତଳିଆ ଅଞ୍ଚଳ ଜଳମଗ୍ନ ହୋଇଥିବା ବେଳେ, ନାଳରେ ଭାସିଯାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଖବର ମଧ୍ୟ ସାମ୍ନାକୁ ଆସିଛି । ସେହିପରି କେନ୍ଦୁଝର ସୀତା ନଦୀରେ ମଧ୍ୟ ଜଣେ ପାଣିରେ ବୁଡ଼ି ମୃତ୍ୟୁ ବରଣ କରିଛନ୍ତି । ଏହାରି ମଧ୍ୟରେ ହୀରାକୁଦରୁ ଡ୍ୟାମ୍‌ର ଗେଟ୍ ଖୋଲାଯିବା ନେଇ ସୂଚନା ଦିଆଯାଇଛି । ହୀରାକୁଦ ଡ୍ୟାମର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଆସନ୍ତା ଜୁଲାଇ ୯ ତାରିଖରେ ହୀରାକୁଦରୁ ଛଡ଼ାଯିବ ବର୍ଷର ପ୍ରଥମ ବନ୍ୟାଜଳ । ଗୁରୁବାର ଦିନ ୧୧ଟାରେ ଡ୍ୟାମ୍‌ର ଗେଟ୍ ଖୋଲାଯିବ, ତେଣୁ ମହାନଦୀ ତଳିଆ ଅଞ୍ଚଳରେ ସତର୍କ ରହିବା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଜାରି ହୋଇଛି । ସେହିପରି ବୈତରଣୀ ଉପରମୁଣ୍ଡରେ ଅଧିକ ବର୍ଷା ହୋଇଛି ବୋଲି ପାଣିପାଗ ବିଭାଗର ସୂଚନା ମିଳିଛି । ଏହାର ପ୍ରଭାବରେ ତଳିଆ ଅଞ୍ଚଳରେ ଛୋଟ ବନ୍ୟା ଆଶଙ୍କା ଥିବା ନେଇ ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ଦେଇଛନ୍ତି । ଅପରାହ୍ଣ ୪ଟା ପରେ ବିପଦ ସଙ୍କେତ ଅତିକ୍ରମ କରିବ ବୈତରଣୀ । ଏହାପରେ ଆସନ୍ତା ୨୪ ଘଣ୍ଟାରେ ଯାଜପୁର, ଆଖୁଆପଦା ଓ ଭଦ୍ରକରେ ବନ୍ୟା ଆଶଙ୍କା ଥିବା ଯନ୍ତ୍ରୀ ସୂଚନା ଦେଇଛନ୍ତି । ବୈତରଣୀରେ ଜଳସ୍ତର ବଢୁଥିବାରୁ ଛୋଟ ବନ୍ୟା ଆଶଙ୍କା କରାଯାଉଥିବା ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି । ଯାଜପୁରର ତଳିଆ ଅଞ୍ଚଳ ପ୍ରଭାବିତ ହେବାକୁ ଥିବା ସହ ଆଖୁଆପଦାରେ ୧୮.୦୬ ମିରୁ ଅଧିକ ବନ୍ୟା ଜଳ ପ୍ରବାହିତ ହେଉଛି । ବିଭିନ୍ନ ତଳିଆ ଅଞ୍ଚଳବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଏସଆରସି । ଏଥିପାଇଁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଜିଲ୍ଲାପାଳ ଅମ୍ବର କୁମାର ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି, ମହାନଦୀର ଉପର ମୁଣ୍ଡରେ ନୁହେଁ, ଓଡିଶାରେ ବେଶି ବର୍ଷା ହୋଇଛି । ଖଇରମାଳରୁ ବରଗଡ଼ ଭିତରେ ବେଶି ବର୍ଷା ହୋଇଛି । ଏବେ ସୁଦ୍ଧା ବଡ ଧରଣର ବନ୍ୟା ହେବାର ସମ୍ଭାବନା ନାହିଁ । ଅଧିକାଂଶ ରିଜର୍ଭର ଖାଲି ଅଛି, ସମସ୍ୟା ନାହିଁ । ହୀରାକୁଦ ଡ୍ୟାମର ଗେଟ୍ ଖୋଲା ଯିବା ନେଇ ନିଷ୍ପତ୍ତି ହୋଇନାହିଁ । ଓଡ଼ିଶାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି । ରାଜ୍ୟ ସରକାର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ବୈତରଣୀ ନଦୀର ଉଚ୍ଚ ଜଳସ୍ତର ପରିସ୍ଥିତିର ସମୀକ୍ଷା କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଏଥିସହ ଲଗାର ବର୍ଷାରେ କ୍ଷତିଗ୍ରସ୍ତ ଚାଷଜମିର କ୍ଷୟକ୍ଷତି ଆକଳନ କରି ଚବିଶ ଘଣ୍ଟା ମଧ୍ୟରେ କ୍ଷତିପୂରଣ ଦେବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫା

ଭୁବନେଶ୍ୱର: ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫା । ସରକାରଙ୍କୁ ଇସ୍ତଫା ନେବାକୁ ମାଗିଲେ ଅନୁମତି । ୨୦୧୩ ବ୍ୟାଚ ଆଇପିଏସ୍ ଅଫିସର ଜଗମୋହନ ମୀନାଙ୍କ ଇସ୍ତଫା ପତ୍ର କୁ ନେଇ ବଢ଼ିଲା ଚର୍ଚ୍ଚା । ନିଜର ୧୩ବର୍ଷର କାର୍ଯ କାଳ ପରେ ଏଭଳି ଇସ୍ତଫା ପତ୍ର କୁ ନେଇ ଏବେ ଚର୍ଚ୍ଚା । ଗତ ୨୮ଫେବୃଆରୀ ୨୦୨୫ରେ ସେ ଭୁବନେଶ୍ୱରର ଡିସିପି ଭାବେ ଯୋଗଦେଇଥିଲେ । ଏନେଇ ଏହାରି ଭିତରେ କଟକ ଡିସିପି, ଅନୁଗୁଳ ଏସପି ଓ ଗଞ୍ଜାମ ଏସପି ଭାବେ ମଧ ଦାୟିତ୍ୱ ତୁଲାଇସାରିଛତି । ତେବେ ଇସ୍ତଫା ପତ୍ର ଏବେ ଗ୍ରହଣ ହୋଇନଥିବା ବେଳେ କିନ୍ତୁ ଇସ୍ତଫା ପାଇଁ ଦେଇଥିବା ସେ ସ୍ୱୀକାର କରିଛନ୍ତି । କିନ୍ତୁ ଏହାର କାରଣ କିଛି କହିନାହାନ୍ତି ଏହା ବ୍ୟକ୍ତିଗତ ।

ଡ୍ରିଏଲ ଓ ପ୍ୟାନ୍ ଦେଖାଇ କରିହେବ ଜମିଜମା ଓ ସମ୍ପତ୍ତି ରେଜିଷ୍ଟ୍ରେସନ୍

ବିଧିବଦ୍ଧ ବିଜ୍ଞପ୍ତି ଜାରି

ଭୁବନେଶ୍ୱର: ଏଣିକି ଓଡ଼ିଶାରେ ଜମିଜମା ଓ ସମ୍ପତ୍ତି ରେଜିଷ୍ଟ୍ରେସନ୍ କିମ୍ବା ଅନ୍ୟାନ୍ୟ ରାଜସ୍ୱ ସେବା ପାଇଁ 'ଆଧାର' ଜରୁରୀ ନୁହେଁ । କୌଣସି ନାଗରିକଙ୍କୁ ଆଉ ସମ୍ପତ୍ତି କିଣାବିକାବେଳେ 'ଆଧାର କାର୍ଡ' ପାଇଁ ହଇରାଣ ହେବାକୁ ପଡ଼ିବ ନାହିଁ କିମ୍ବା ସରକାର ମଧ ଆପଣଙ୍କୁ ଏଥିପାଇଁ ବାଧ କରିପାରିବେ ନାହିଁ । ଯଦି 'ଆଧାର କାର୍ଡ' ନାହିଁ କିମ୍ବା ସୁରକ୍ଷା ଦୃଷ୍ଟିରୁ ନିଜର 'ଆଧାର ନମ୍ବର' ଦେବାକୁ ଚାହୁଁନାହାନ୍ତି ତଥାପି ୪ଟି ବୈଧ ବିକଳ୍ପ ପ୍ରମାଣପତ୍ର ଯଥା- ଭୋଟର ଆଇଡି, ପ୍ୟାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଓ ପାସପୋର୍ଟ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଦାନ କରି ଆପଣ ନିଜର ସମସ୍ତ ଜମିଜମା କାର୍ଯ୍ୟ ସ୍ୱାଭାବିକ ଭାବେ କରିପାରିବେ । ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଡଃ ଅରବିନ୍ଦ ପାଢ଼ୀଙ୍କ ନିର୍ଦ୍ଦେଶରେ ଜାରି ହୋଇଥିବା ଏହି ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ନାଗରିକମାନଙ୍କ ପାଇଁ 'ଆଧାର ପ୍ରମାଣୀକରଣ' ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ସ୍ୱେଚ୍ଛାକୃତ ରଖାଯାଇଛି । ଆଧାର ପ୍ରମାଣୀକରଣ ନକରିପାରିବା ଯୋଗୁଁ କୌଣସି ନାଗରିକଙ୍କୁ ସରକାରୀ ସେବା ଯୋଗାଇବା ପାଇଁ ସରକାରୀ ଅଧିକାରୀ ମନା କରିପାରିବେ ନାହିଁ । ଏହି ନୂଆ ନିୟମ ରାଜସ୍ୱ ବିଭାଗର ବିଭିନ୍ନ ଅନଲାଇନ୍ ପୋର୍ଟାଲ ମାଧ୍ୟମରେ ମିଳୁଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ସେବା କ୍ଷେତ୍ରରେ କାର୍ଯ୍ୟକାରୀ ହେବ ।

ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା

ତ୍ରୁଟିଶୂନ୍ୟ ରଥଯାତ୍ରା ଉପରେ ଗୁରୁତ୍ୱ

- ମୁଖ୍ୟମନ୍ତ୍ରୀଙ୍କ ସମର୍ପଣ ଓ ସମନ୍ୱୟର ମନ୍ତ୍ର
- ସୁପରିଚାଳନା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ
- ମହାପ୍ରଭୁଙ୍କ ନିକଟରେ ସମର୍ପଣ ମନୋଭାବ ନେଇ ଅଧିକାରୀ, କର୍ମଚାରୀ ଓ ସେବକ ବନ୍ଧୁ ପରିଚାଳନା କରନ୍ତୁ
- ଗୋଟିଏ ବି କର୍ଡ଼ନ ପାସ ଅଧିକ ଦିଆଯିବନି

ପୁରୀ: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତବର୍ଷ ରଥଯାତ୍ରାର ସୁପରିଚାଳନା ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକରେ ଅଧକ୍ଷତା କରି ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ସୋମବାର ପୁରୀ ଟାଉନହଲ ଠାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଆମର ବୁଦ୍ଧି, ଜ୍ଞାନ, ଦକ୍ଷତା ଓ ଅଭିଜ୍ଞତା- ଏସବୁକୁ ଏକାଠି କରି ସମର୍ପଣ ମନୋଭାବ ନେଇ ସମସ୍ତ ସମ୍ପୃକ୍ତ ବଭାଗର ଅଧିକାରୀ ଓ କର୍ମଚାରୀ ତଥା ସେବକ ବନ୍ଧୁମାନେ ରଥଯାତ୍ରା ପରିଚାଳନା କରିବା ଆବଶ୍ୟକ । ଏହାଦ୍ୱାରା ରଥଯାତ୍ରା ତ୍ରୁଟିଶୂନ୍ୟ ଭାବେ ସମ୍ପନ୍ନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଆମ ସମସ୍ତଙ୍କ ହୃଦୟର ଠାକୁର । ରଥଯାତ୍ରା କେବଳ ପୁରୀ ନୁହେଁ, ସାରା ଓଡିଶା ଓ ସମଗ୍ର ଦେଶ ଓ ବିଶ୍ୱର ଜଗନ୍ନାଥ ଭକ୍ତଙ୍କ ପାଇଁ ସବୁଠାରୁ ପବିତ୍ର ଦିନ । ଏହି ପର୍ବ ଉପରେ ସମଗ୍ର ବିଶ୍ୱର ନଜର ରହିଛି । ଏକ ସୁରକ୍ଷିତ ରଥଯାତ୍ରା କେବଳ ଏକ ସରକାରୀ କର୍ତ୍ତବ୍ୟ ନୁହେଁ, ଏହା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସମସ୍ତ ଅଧିକାରୀ ନିଜନିଜ କର୍ତ୍ତବ୍ୟକୁ ନିଷ୍ଠାର ସହିତ ମହାପ୍ରଭୁଙ୍କ ଆଦେଶ ମନେ କରି ସେବା ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁରକ୍ଷା ଓ ଭିଡ ପରିଚାଳନା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ସେହିପରି ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ, ଗମନାଗମନ, ଟ୍ରାଫିକ ନିୟନ୍ତ୍ରଣ ଆଦି ସମସ୍ତ ବ୍ୟବସ୍ଥା କରାଯାଇଛି । ଗତ ଦୁଇ ବର୍ଷରେ ଯେଉଁ ଅଭିଜ୍ଞତା ମିଳିଛି ସେସବୁକୁ ଦୃଷ୍ଟିରେ ରଖି ଉପଯୁକ୍ତ ସମନ୍ୱୟ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସମସ୍ତ କାର୍ଯ୍ୟର ଉପଯୁକ୍ତ ମନିଟରିଙ୍ଗ୍ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି । ମହାପ୍ରଭୁଙ୍କ ସେବକମାନେ ସମୟାନୁବର୍ତ୍ତିତାର ସହ ସମସ୍ତ ନୀତିକାନ୍ତି ସମ୍ପନ୍ନ କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କର ପ୍ରଶଂସା କରିଥିଲେ । ସଚେତନତା ପାଇଁ ବିଭିନ୍ନ ଗଣମାଧ୍ୟମ, ଡାକବାଜି ଯନ୍ତ୍ର ଓ ସାମାଜିକ ଗଣମାଧ୍ୟମ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମହାପ୍ରଭୁଙ୍କ ନୀତିକାନ୍ତି, ଅନ୍ୟାନ୍ୟ ସେବା, ଟ୍ରାଫିକ ଚଳାଚଳର ସଦ୍ୟତମ ସ୍ଥିତି ଏବଂ ଅନ୍ୟାନ୍ୟ ଜରୁରୀ ସୂଚନା ଏଫ୍.ଏମ୍ ରେଡିଓ, ସାମାଜିକ ଗଣମାଧ୍ୟମ, ବିଭାଗୀୟ ୱେବ ସାଇଟ ତଥା ଟେଲିଭିଜନ ମାଧ୍ୟମରେ ପ୍ରଦାନ କରାଗଲେ ଅନେକ ସମସ୍ୟାକୁ ଏଡାଇ ହେବ ବୋଲି ସେ କହିଥିଲେ । ଗୁଜବ ସୃଷ୍ଟିକାରୀଙ୍କ ଉପରେ କଡା ନଜର ରଖି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହାପ୍ରଭୁ ହେଉଛନ୍ତି ଭାବର ଠାକୁର । ସେହି ଭାବର ସମ୍ପର୍କକୁ ସମ୍ମାନ ଦେଇ ସମସ୍ତେ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ପାଳନ କଲେ ରଥଯାତ୍ରା ଠିକ୍ ଭାବରେ ସମ୍ପନ୍ନ ହୋଇପାରିବ । ସେ କହିଥିଲେ ଯେ, ସମସ୍ତ ଭକ୍ତ ଯେପରି ଏକ ସୁଖଦ ଆଧାତ୍ମିକ ଅନୁଭବ ନେଇ ମହାପ୍ରଭୁଙ୍କ ଦର୍ଶନ କରି ଫେରିବେ, ସେଥିରେ ଆମ ସମସ୍ତଙ୍କର ସଫଳତା ଓ ଆମ ସମସ୍ତଙ୍କର ପୁଣ୍ୟ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ ରୂପରେଖ- ରଥଯାତ୍ରା ୨୦୨୬ ପୁସ୍ତିକାର ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱମନ୍ତ୍ରୀ ସୁରେଶ କୁମାର ପୂଜାରୀ, କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର , ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ବିଭୂତିଭୂଷଣ ଜେନା, ପୁରୀ ଲୋକସଭା ସାଂସଦ ଡ.ସମ୍ବିତ ପାତ୍ର, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପିଏମସି କମିଶନର ଅରଗୁଳ ସ୍ନେହା, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, କାକଟପୁର ବିଧାୟକ ତୁଷାର କାନ୍ତି ବେହେରା ଓ ପୁରୀ ଏସପି ପ୍ରତୀକ ସିଂଙ୍କ ପ୍ରମୁଖ ଉପସ୍ଥିତ ଥିଲେ ।

ଆଉ ୯ ଦିନ ପରେ ଶ୍ରୀଗୁଣ୍ଡିଚା ଯାତ୍ରା

କନ୍ୟାପଟା ବାଡ଼ିଆ ଶେଷ

ରଥ ନିର୍ମାଣର ୭୭ ତମ ଦିବସ
ଦୁଆର ବେଢ଼ା ଚନ୍ଦ୍ରଶାଳୀରେ ଫୁଲ ପକା କାର୍ଯ୍ୟ ଶେଷ ପର୍ଯ୍ୟାୟରେ

ପୁରୀ: ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ଼ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ । ଏଥିପାଇଁ ବଡଦାଣ୍ଡ ସ୍ଥିତ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ସୋମବାର ରଥ ନିର୍ମାଣର ୭୭ ତମ ଦିବସରେ ନିର୍ମାଣକାରୀ ସେବକ ମାନେ ରଥ ଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ସୋମବାର ତିନିରଥର ଦୁଆର ବେଢ଼ାରେ ଚନ୍ଦ୍ରଶାଳୀରେ ଫୁଲ ପକା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତିନିରଥର କନ୍ୟା ପଟା ବାଡ଼ିଆ ମଧ୍ୟ ଶେଷ ହୋଇଛି । ରବିବାର ସୁଦ୍ଧା ତିନିରଥର କଣି ଫାଉଡା ସଂଯୋଗ କାର୍ଯ୍ୟ ଆରମ୍ଭ ସହ ରଥ ଉପର ଚାରି ପାର୍ଶ୍ୱ କୋଣ ଗୁଡ଼ିକରେ ପଟା ବାଡ଼ିଆ ଶେଷ ହୋଇଥିଲା । ତିନିରଥର ମହାରଣା ସେବକ ଏବଂ ଭୋଇ ସେବକ ମାନଙ୍କ ସହଯୋଗରେ ବାକି ରହିଥିବା ରଥର ଉପର ପାର୍ଶ୍ୱ କୋଣ ଗୁଡ଼ିକରେ ତିନିରଥ କଣି ଫାଉଡ଼ି ବସିବା କଳସ ଉଠିବା ପାଇଁ ତିନି ରଥ ଗୋଟିଏ କୋଣକୁ ଛାଡ଼ି ଶେଷ ହେବାପରେ , ତିନିରଥର ତିନି ପାର୍ଶ୍ୱରେ ଦୁଇଟି ଲେଖାଏଁ ମଣ୍ଡଣି ବତା ପଡ଼ି ବଡ଼ ଥଳ ପୋଟଳ ଠାରୁ ଦୁଆର ବେଢା ଚନ୍ଦ୍ରଶାଳୀ ପର୍ଯ୍ୟନ୍ତ ଫିଟିଙ୍ଗ କରାଯାଇଛି । ଏଥିସହ ହାତିଆଳ ମାଳ ବା କାଠ ବଟନ୍ ଆଠଟି ଲେଖାଏଁ ବଡ଼ ଥଳ ପୋଟଳ ଠାରୁ ପ୍ରଥମ ଭୂଇଁ ଚଉତା ପର୍ଯ୍ୟନ୍ତ ଫିଟିଙ୍ଗ କରାଯାଇଛି । ଯାହା ଫଳରେ ରଥରେ କନା ପଡ଼ିବା ସୁବିଧା ଜନକ ହେବାସହ, ରଥର କନା ଆବରଣ ଏକ ଗୋଲାକାର ଆକୃତି ଦୃଶ୍ୟମାନ ହେବା ସହ ରଥର ଗଠନ ଶୈଳୀ ସୁନ୍ଦର ଦେଖାଯିବା ସହ ରଥ କନା ସୁରକ୍ଷିତ ରୁହେ । ତିନିରଥର ଘୋଡ଼ା ଗୁଡ଼ିକର ରଙ୍ଗ କାର୍ଯ୍ୟ ପୂର୍ବରୁ ମରାମତି ଯାଞ୍ଚ ବେଳେ ଦର୍ପଦଳନ ରଥର ଗୋଟିଏ ଘୋଡ଼ାର ପଛ ଗୋଡ଼ ସମ୍ପୂର୍ଣ୍ଣ ବଦଳା ଯିବା ଆବଶ୍ୟକ ଥିବାରୁ ଦେବୀ ରଥ ରୂପକାର ସେବକ ମାନେ ଉକ୍ତ ଘୋଡ଼ାର ପଛ ବାମ ପାର୍ଶ୍ୱ ଗୋଡ଼ ନିର୍ମାଣ ଶେଷ କରି ଘୋଡ଼ାରେ ଫିଟିଙ୍ଗ ସହ ପୁଟୁଣି ମରା କାର୍ଯ୍ୟ ପରେ ରଙ୍ଗ ପାଇଁ ଚିତ୍ରକାର ସେବକଙ୍କୁ ଯୋଗାଇ ଦେଇଛନ୍ତି । ଚିତ୍ରକାର ସେବକ ମାନେ ତିନିରଥର ପ୍ରଭା ଗୁଡ଼ିକର ରୂପ ଖୋଦେଇ ଅଂଶରେ ରଙ୍ଗ ଚିତ୍ର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏଥିସହ ତିନିରଥ ସାରଥୀ ଙ୍କ ଉପର ଭାଗ ରଙ୍ଗ କାର୍ଯ୍ୟ ଶେଷ କରିଛନ୍ତି । ରୂପକାର ସେବକ ମାନେ ତିନିରଥ ସାରଥୀଙ୍କ ଗୋଡ଼ ଜଏଣ୍ଟ ସ୍ଥାନରେ ସାରଥି ବାଗିଆ କଣ୍ଟା ବାଡ଼ିଆ ମରାମତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସୋମବାର ସାରଥୀ ମରାମତି କାର୍ଯ୍ୟ ଶେଷ ପରେ ସାରଥୀ ମାନଙ୍କର ତଳଭାଗ ରଙ୍ଗ କାର୍ଯ୍ୟ ସମ୍ପନ୍ନ ହୋଇଛି ।

ଉପକୂଳରୁ ଉପତ୍ୟକା ଶ୍ରୀକ୍ଷେତ୍ରରୁ ଶାବର ଶ୍ରୀକ୍ଷେତ୍ର

ଗଡିଲା ପୁରୀ- କୋରାପୁଟ ଏକ୍ସପ୍ରେସ

ପୁରୀ: ସୋମବାର ଅପରାହ୍ନରେ ପୁରୀ ଷ୍ଟେସନ ଠାରେ ପୁରୀ କୋରାପୁଟ ଏକ୍ସପ୍ରେସକୁ ଆନୁଷ୍ଠାନିକ ଭାବେ କେନ୍ଦ୍ର ରେଳ ସୂଚନା ପ୍ରସାରଣ ଓ ଇଲୋକ୍ଟ୍ରାନିକ୍ସ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନୀଳ ପତକା ହଲାଇ ଟ୍ରେନ ଚଳାଚଳର ଶୁଭାରମ୍ଭ କରିଥିଲେ । ମଞ୍ଚାସୀନ ଅତିଥି

ମାନଙ୍କ ମଧ୍ୟରେ ପୁରୀ ଲୋକସଭା ସାଂସଦ ଡ.ସମ୍ବିତ ପାତ୍ର, ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଓଡ଼ିଶା ବାଣିଜ୍ୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ,ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଓ ରେଳବାଇର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଟ୍ରେନ ଖୋର୍ଦ୍ଧା ରୋଡ, ଭୁବନେଶ୍ୱର, ନରାଜ, ଢେଙ୍କାନାଳ , ତାଳଚେର, ଅନୁଗୁଳ, ସମ୍ବଲପୁର ,ବରଗଡ ରୋଡ, ବଲାଙ୍ଗୀର, କେସିଙ୍ଗା, ଟିଟିଲାଗଡ଼, ଲକ୍ଷ୍ମୀପୁର ରୋଡ, କାକିରି ଗୁମା ଓ ଦାମନଯୋଡ଼ି ଦେଇ ପହଞ୍ଚିବ । କୃତି କୋରାପୁଟ କଫି କେବଳ ଏକ ପ୍ରିମିୟମ୍ ଆଞ୍ଚଳିକ ଉତ୍ପାଦ ନୁହେଁ, ବରଂ ଏହା ଆଦିବାସୀ ଉଦ୍ୟମିତା, ନିରନ୍ତର କୃଷି ଏବଂ ଉନ୍ନତ ଯୋଗାଯୋଗର ସଫଳତାର ପ୍ରତୀକ ।କୋରାପୁଟର ପୂର୍ବଘାଟ ପର୍ବତମାଳାରେ ଉତ୍ପାଦିତ ଏହି କଫି ମୁଖ୍ୟତଃ ଆରାବିକା ପ୍ରଜାତିର ଏବଂ ଏହାକୁ ଆଦିବାସୀ ଚାଷୀମାନେ ପରିବେଶ ଅନୁକୂଳ ପଦ୍ଧତିରେ ଛାଇରେ ଚାଷ କରିଥାନ୍ତି । ଏହାର ସ୍ୱତନ୍ତ୍ର ଚକୋଲେଟ୍ ଏବଂ ବାଦାମୀ ସ୍ୱାଦ ପାଇଁ ଏହା ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି ଏବଂ କୋରାପୁଟକୁ ଏକ ଉଦୀୟମାନ ସ୍ୱତନ୍ତ୍ର କଫି କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବାରେ ସାହାଯ୍ୟ କରିଛି ।ଏହି କଫି କେବଳ ଏକ କୃଷିଜାତ ଉତ୍ପାଦ ନୁହେଁ, ବରଂ ଆଦିବାସୀ ସମ୍ପ୍ରଦାୟର ଜୀବିକାରେ ଏକ ଐତିହାସିକ ପରିବର୍ତ୍ତନର ପ୍ରତୀକ ।

ସମ୍ପାଦକୀୟ

ଡିକେରୁ ଏମ୍‌ଡିଏମ୍‌କେ

ଡିଏମ୍‌କେରୁ ମାଇଁନସ୍ ହୋଇଯିବ ଏଡିଏମ୍‌କେ। ଦୀର୍ଘ ୯ ବର୍ଷର ସମ୍ପର୍କ ଛିନ୍ନ କରି ନିଜକୁ ଏବେ ସ୍ୱତନ୍ତ୍ର କରିବାର ନିଷ୍ପତ୍ତି ନେଇଛି ଏଡିଏମକେ। ଏମିତି ଦିନେ ଡିକେରୁ ମାଇଁନସ୍ ହୋଇଥିଲା ଡିଏମ୍‌କେ। ୧୯୪୭ରେ ଭାରତଦେଶ ସ୍ୱାଧନତା ଲାଭ କରିବାର ଠିକ୍ ପରେ ପରେ ୧୯୪୯ ମସିହାରେ ତାମିଲ୍‌ନାଡୁରେ ତତ୍‌କାଳୀନ ବିଶିଷ୍ଟ ନେତା ଏନ୍ ଆନ୍ନା ଦୁରାଇଙ୍କ ନେତୃତ୍ୱରେ ସେତେବେଳେ ଗଠନ ହୋଇଥିଲା ଦ୍ରାବିଡ୍ ମୁନେତ୍ରମ କାଝାଗାମ୍.. ଡି ଏମ୍ କେ ଏବଂ ଡି କେ ବା ଦ୍ରାବିଡ୍ କାଝାଗାମ୍ ଭଳି ଦଳ ଯେ କି ଏହି ଦ୍ରାବିଡିଆନ ପଲିଟିକ୍ସ , ପରମ୍ପରାର ପ୍ରଥମ ଦଳ ଭାବେ ଯାହାର ଅୟମାରମ୍ଭ ହୋଇଥିଲା ୧୯୧୬ରେ। ଦଳର ସଂସ୍ଥାପକ ଇ ଭି ରାମାସ୍ୱାମୀ ସେତେବେଳେ ତାମିଲ୍‌ନାଡୁର ଜଣେ ଲବ୍ଧପ୍ରତିଷ୍ଠିତ ରାଜନେତା ଭାବରେ ଜଣାଶୁଣା ଥିଲେ। ଯେ କି ସେତେବେଳେ ଆରମ୍ଭ କରିଥିଲେ ଦ୍ରାବିଡ୍ କାଝାଗାମ। ଦକ୍ଷିଣ ଭାରତୀୟ ସଭ୍ୟତା ଏବଂ ସଂସ୍କୃତିସମ୍ପନ୍ନ ଲୋକମାନଙ୍କ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ଶବ୍ଦ ଅତି ପ୍ରାଚୀନ ଯାହାର ସଂସ୍କୃତ ଭାଷାରେ ଅର୍ଥ ହେଉଛି ପରାକ୍ରମୀ ଏବଂ ବଳଶାଳୀ। ଯାହାର ଉଦାହରଣ ମଧ୍ୟ ସମୟ ସମୟରେ ଦକ୍ଷିଣ ଭାରତୀୟ ଲୋକମାନେ ଦେଇଅଛନ୍ତି ଅତି ସାହସିକତାର ସହିତ। ସେ ସବୁ ମାମଲାରେ ଆମେ ଭାବୁ ତାମିଲ୍‌ନାଡୁ ଅତି ଆଗରେ । କେବେ କେବେ ତାମିଲନାଡୁରେ ଷଣ୍ଢ ପ୍ରତିଯୋଗିତା ହେଉଥିବାର ଆମେ ଜାଣିଛୁ। ପୂରା ଭାରତ ମଧ୍ୟ ଜାଣିଛି। କେବଳ ତାମିଲନାଡୁ କାହିଁକି, ଭାରତ ବାହାରେ ମଧ୍ୟ ତାମିଲ୍‌ନାଡୁର ସେ ଷଣ୍ଢମାନଙ୍କୁ ନେଇ ବେଶ୍ ଚର୍ଚ୍ଚା। ଏତେ କରିତକର୍ମା ହେଉଛନ୍ତି ତାମିଲ୍‌ନାଡୁଆ ଯେଉଁମାନେ ଷଣ୍ଢଭଳି ନିରୀହ ଏବଂ ନିର୍ଦ୍ଦୋଷ ପଶୁମାନଙ୍କ ସହିତ ଲଢ଼ି କେବେ କେବେ ନିଜର ତ ଆଉ କେତେବେଳେ ନିରୀହ ପଶୁମାନଙ୍କ ଜୀବନ ସହିତ ଖେଳ ଖେଳୁଛନ୍ତି। କେବେ କେବେ ଉଭୟ ବି ମରଣ ମୁହଁକୁ ଠେଲି ହୋଇଯାଉଛନ୍ତି। ଏଇ ହେଉଛି ତାମିଲ୍‌ର ବୀର ସଭ୍ୟତା ଯେଉଁମାନେ ନିଜର ଅଯଥା ବୀରତ୍ୱର ଗାଥା ବଖାଣୁଛନ୍ତି। ଏକ ମୂର୍ଖାମିର ଆବରଣ ତଳେ ରହି ସେମାନେ ନିଜକୁ ଦ୍ରାବିଡ଼ିଆନ୍ ବୋଲି ଅତି ଗର୍ବରେ ପ୍ରକାଶ କରୁଅଛନ୍ତି। ଇତିହାସ କହୁଛି ଡି କେରୁ ଡି ଏମ କେ ଏବଂ ଡି ଏମ କେରୁ ଏ ଆଇ ଡି ଏମ କେ ଭଳି ସଙ୍ଗଠନ ...ଏମାନେ ନିଜ ନିଜ ବଂଶାନୁକ୍ରମିକ ଭାବେ ତାମିଲନାଡୁରେ ଶାସନ କରିଆସୁଛନ୍ତି। ଶାସନ ତ ନୁହେଁ, ରାଜ୍ କରି ଆସୁଛନ୍ତି ତାମିଲିଆନ୍। ତଥ୍ୟ ଯାହା କହୁଛି ଡି କେ ବି ଦିନେ ଏମିତି ଛାଡ଼ିଥିଲା କଂଗ୍ରେସ ହାତ ଯେ କି ଭାରତୀୟ ରାଜନୈତିକ ଇତିହାସର ଅତି ଚତୁର ଦଳ। ସେଭଳି ଏକ ଚତୁର ଦଳର ହାତ ଛାଡ଼ି ତତ୍କାଳୀନ ତାମିଲ୍ ନେତା ଇ ଭି ରାମାସ୍ୱାମୀ ପେରିଆର୍ କଂଗ୍ରେସ ହାତ ଛାଡ଼ି ସେତେବେଳେ ଗଢ଼ିଥିଲେ ନିଜର ସ୍ୱତନ୍ତ୍ର ଦଳ । ସେହି ଦଳରେ ଚେଲା ଚାମୁଣ୍ଡାମାନେ ପର୍ଯ୍ୟାୟକ୍ରମେ ଡି ଏମ୍ କେ.ଏ ଆଇ ଡି ଏମ୍ କେ ଭଳିଦଳମାନ ଗଠନ କରି ତାମିଲ୍‌ନାଡୁର ସ୍ୱାର୍ଥ ସାଧନ କରିବା ପରିବର୍ତ୍ତେ ନିଜ ନିଜ ଦଳର ସ୍ୱାର୍ଥ ସାଧନ ଉପରେ ଅଧିକ ଗୁରୁତ୍ୱ ଦେଇଆସିଛନ୍ତି। ଏଭଳି କହିବା ପଛରେ କାରଣ ହେଉଛି ଅତୀତରେ କଂଗ୍ରେସର ଉତ୍ତରଭାରତୀୟ ସଂସ୍କୃତି ପ୍ରୀତି ଏବଂ ବ୍ରାହ୍ମ ସମାଜରଗୁରୁତ୍ୱ ପ୍ରତିଅନାସକ୍ତ ଭାବ ପ୍ରକାଶ କରି ଆରମ୍ଭ ହୋଇଥିବା ଡି କେ ରାଜନୈତିକ ଧାରା ଏବେ ପହଞ୍ଚିଛି ଏ ଆଇ ଡି ଏମ୍ କେରେ। ଭାରତର ଜାତୀୟ ଭାଷା, ଭାରତର ରାଷ୍ଟ୍ରୀୟ ଭାଷା ହିନ୍ଦୀକୁ ଦେଶର ଜାତୀୟ ଭାଷାର ମାନ୍ୟତା ଦେବାରେ ଯେଉଁ ରାଜ୍ୟର ରାଜନୈତିକ ଦଳ ଏକମତ ହୋଇନପାରେ, ସେଭଳି ଦଳର ଜାତୀୟ ପ୍ରୀତି ଜଳ ଜଳ ହୋଇ ଦିଶୁଛି। ଏଣୁ ସେସବୁ ଡି ନାମଧାରୀ ଦଳର ବିଭାଜନ ହୁଏତ ବିଜୟ ଥାଲାପତିଙ୍କ ଦଳ ପାଇଁ ଲାଭଦାୟକ ହେବା ସହ ତାମିଲ୍‌ନାଡୁ ପାଇଁ ମଧ୍ୟ ଶୁଭଙ୍କର ହୋଇପାରେ ।

ପରିବର୍ତ୍ତନ

ସମାଜର ଜଣେ ଧନୀ ବ୍ୟକ୍ତିଙ୍କର ପୁଅ । ତେବେ ତାଙ୍କର ଗୋଟାଏ ଅତି ଖରାପ୍ ଗୁଣ ଥିଲା। ସେ ଭାରି ବଦରାଗୀ ଥିଲେ। କଥାରେ କଥାରେ ସେ ବହୁତ ରାଗିଯାଉଥିଲେ। ତାଙ୍କର ବ୍ୟବହାର ଅନେକ ସମୟରେ ଅନେକଙ୍କ ପ୍ରତି ଅତି କର୍କଶ ହୋଇପଡୁଥିଲା। ଅତି ଖରାପ୍ ହୋଇପଡୁଥିଲା ଯାହାକୁ ପିଲାଟିର ବାପାମା' ବହୁତ ଚିନ୍ତିତ ହେଉଥିଲେ। କ'ଣ କରିବେ , କ'ଣ ଭାବିବେ? ପିଲାଟିକୁ ସେ କେମିତି ପରିବର୍ତ୍ତନ କରିବେ , ପିଲାଟିକୁ ସେ କେମିତି ସୁଧାରିବେ? ସେଇ ଚିନ୍ତାରେ ବାପା ମା' ଦୁହେଁ ଘାରି ହେଉଥାନ୍ତି ହେଲେ ପିଲାଟିର ପରିବର୍ତ୍ତନ ନେଇ ସେମାନେ ସେମିତି କିଛି ରାସ୍ତା ଅବା ମାର୍ଗ ପାଉ ନଥିଲେ। ଏମିତି ଚିନ୍ତାରେ ଥାଇ ଥରେ ପିଲାର ପରିବର୍ତ୍ତନ ନେଇ ସେମାନେ ତାଙ୍କ ପରିବାରର ଜନୈକ କୁଳଗୁରୁଙ୍କ ସହିତ ପରାମର୍ଶ କଲେ। ଗୁରୁଙ୍କର ଉତ୍ତର ଥିଲା କିଛି ଭିନ୍ନ । ଗୁରୁଙ୍କ ମତରେ କୌଣସି ଗୋଟିଏ ମଣିଷର ସନ୍ତାନ ସନ୍ତତି କେବେ ବି ଗୋଟାଏ ପ୍ରକାରର ହୋଇ ନପାରନ୍ତି। ତେଣୁ ଏଥିରେ ବିଶେଷ ଚିନ୍ତା କରିବାର କୌଣସି କାରଣ ନାହିଁ। କେବେ କେବେ ସେମିତି ବି ହୁଏ। କେବେ କେବେ ଏମିତି ବି ହୁଏ ଯେ ଗୋଟିଏ ପରିବାରରେ ଜନ୍ମିତ ଦୁଇଟି ପିଲା କେବେ ବି ଏକା ନ ହୋଇପାରନ୍ତି। ଜଣେ ବାପା ଭଳି ହୋଇଥାଏ ତ ଆଉ ଜଣେ ତା'ର ମାଆ ଭଳ ହୋଇଥାଏ । ଏଣୁ ସେଥିପାଇଁ ଗୋଟିଏ ପରିବାରର ଦୁଇଟି ଦୁଇଟି ପିଲା କେବେ କେବେ ଭିନ୍ନ ଭିନ୍ନ ହୋଇ ଯାଆନ୍ତି। ଠିକ୍ ସେମିତି ସେହି ପିଲାଟି ଏମିତି ବଦଳିଯାଇଛି। ଜଣେ ଧନୀ ଘରର ପିଲାର ବାପା ଭଳି ତା'ର ପିଲାଟା ମଧ୍ୟ କଠୋର ତଥା କର୍କଶ ହୋଇଯାଇଛି। ତେବେ ଏଠାରେ କ'ଣ କରାଯାଇପାରେ। କିଭଳି ଧନୀ ଘରର ସେହି ବାଳୁଙ୍ଗା ପିଲାର ମନଟା ପରିବର୍ତ୍ତନ ହୋଇପାରିବ, ସେ ନେଇ ଗୁରୁ ଅବଶ୍ୟ କିଛି ପରାମର୍ଶ ଦେଇଥିଲେ ସେଦିନ ତା'ର ବାପା- ମଆଙ୍କୁ ଯାହା ମାଧ୍ୟରେ ଅନ୍ତତଃ ପିଲାଟା ପରିବର୍ତ୍ତନ ହୋଇପାରିବ। ତେବେ ଗୁରୁଙ୍କ ପରାମର୍ଶ ଶେଷରେ ପିଲାଟାର ବିଚାରଧାରା ପରିବର୍ତ୍ତନ କରିବାରେ ଅବଶ୍ୟ ସହାୟକ ହୋଇପାରିଲା।ଧନୀକ ବ୍ୟକ୍ତିଙ୍କ ପାରିବାରିକ ଗୁରୁ ବୋଲାଉଥିବା ସେହି ମହାଶୟ ଜଣଙ୍କ ମତରେ କାହାକୁ ଆମେ କିଛି ପରାମର୍ଶ ଅବା ଉପଦେଶ ଦେଇ ତାକୁ ଠିକ୍ ଭାବେ ଗଢ଼ିବାର ଚେଷ୍ଟା କରିପାରିବା ହେଲେ ଜଣଙ୍କୁ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତନ କରିପାରିବା ନାହିଁ। ଜଣକର ପରିବର୍ତ୍ତନ କେବଳ ତା'ର ବିଚାରଧାରାରେ ପରିବର୍ତ୍ତନ ପରେ ଆସିପାରିବ। ପରିବର୍ତ୍ତନ କେବଳ ତା'ର ନିଜର ମାନସିକ ଚିନ୍ତାଧାରା ଉପରେ ନିର୍ଭର କରେ। ଯାହାହେଉ ଶେଷରେ ପରିବର୍ତ୍ତନ ହେଲା ଜନୈକ ଧନୀ ବ୍ୟକ୍ତିଙ୍କ ପୁଅର ଯେ କି ପରିବାର ପାଇଁ କୌଣସି ରତନ ଠାରୁ କମ୍ ନଥିଲା। ସେଣୁ ସେଥିପାଇଁ ତ ସମସ୍ତଙ୍କର ଥିଲା ଅତି ଗେହ୍ଲା।

ଦେବସ୍ନାନ ପୂର୍ଣ୍ଣିମା ବା ଶ୍ରୀଜଗନ୍ନାଥାଦିଙ୍କ ଜନ୍ମୋତ୍ସବ

ଡ. ଅମୂଲ୍ୟ କୁମାର ପଣ୍ଡା

ସ୍ନାନମଣ୍ଡପରେ ଦକ୍ଷିଣାଭିମୁଖି ଶ୍ରୀଜଗନ୍ନାଥାଦିଙ୍କୁ ଯେଉଁମାନେ ଦର୍ଶନ କରନ୍ତି ବା ଆରତୀକୁ ଭକ୍ତି ସହକାରେ ଦର୍ଶନ କରନ୍ତି ସେମାନେ ଅଶ୍ୱମେଧ ଯଜ୍ଞର ଫଳଲାଭ କରନ୍ତି। ସେମାନଙ୍କର ସକଳ ମନୋରଥ ପୂରଣ ହୋଇଥାଏ। ଅନ୍ତ କାଳରେ ସେମାନେ ବୈକୁଣ୍ଠ ପୁରକୁ ଗମନ କରନ୍ତି। ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରଭୁଙ୍କ ସ୍ନାନ ଉତ୍ସବ ବା ମଞ୍ଚସ୍ନାନ ଏକ ଶାସ୍ତ୍ରୀୟ ଭିତ୍ତ ଭୂମିର ଲୀଳା । ଏହାହିଁ ଦେବସ୍ନାନ ପୂର୍ଣ୍ଣିମା ବା ସ୍ନାନଯାତ୍ରା, ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଶ୍ରୀକ୍ଷେତ୍ରରେ ପାଳନ କରାଯାଏ । ଏହି ଦିନ ଶ୍ରୀମନ୍ଦିରର ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପାରମ୍ପରିକ ରୀତିରେ ବେଦଧ୍ୱନି ପୂର୍ବକ ୧୦୮ କଳସୀ ଜଳରେ ସ୍ନାନ କରାଯାଏ । ଏହା ପରେ ଦିଅଁମାନଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥାଏ । ସାଧାରଣତଃ ବର୍ଷରେ ଥରୁଟିଏ ଶ୍ରୀ ଜଗନ୍ନାଥ ଭାଇଭଉଣୀଙ୍କ ସହିତ ଜଳସ୍ନାନ କରନ୍ତି, ଅନ୍ୟ ସମୟରେ ତାଙ୍କୁ ମନ୍ତ୍ରସ୍ନାନ କରାଯାଏ । ଏହି ଦିନକୁ ଜଗନ୍ନାଥଙ୍କର ଜନ୍ମଦିନ ରୂପରେ ମଧ୍ୟ ପାଳନ କରାଯାଇଥାଏ । ଏହା ରଥଯାତ୍ରା ଆଗରୁ ପାଳିତ ହେଉଥିବା ଏକ ପୂଜା ବିଧି ।

ଦାରୁବ୍ରହ୍ମଙ୍କ ଲୀଳାକ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରଭୁଙ୍କ ସ୍ନାନ ଉତ୍ସବ ବା ମଞ୍ଚସ୍ନାନ ଏକ ଶାସ୍ତ୍ରୀୟ ଭିତ୍ତ ଭୂମିର ଲୀଳା । ମହାପ୍ରଭୁଙ୍କ ଆବିର୍ଭାବ ବେଳେ ପ୍ରଥମେ ଏହି ସ୍ନାନ ହୋଇଥିବରୁ ଶ୍ରୀଦାରୁବ୍ରହ୍ମଙ୍କ ଆଦ୍ୟଲୀଳା ବୋଲି କୁହାଯାଏ । ମହାପ୍ରଭୁ ଦାରୁବ୍ରହ୍ମ ରୂପ ଧାରଣ କରିବା ପରେ ପ୍ରଥମ ମଙ୍ଗଳମୟ ମୁହୂର୍ତ୍ତରେ ଏହି ସ୍ନାନଲୀଳା କରାଇଥିଲେ ମହାରାଜା ଇନ୍ଦ୍ରଦ୍ୟୁମ୍ନ । ସେତେବେଳେ ସ୍ନାନମଣ୍ଡପ ନଥିବାରୁ ଏକ କାଠର ମଞ୍ଚ ନିର୍ମାଣ କରାଯାଇ ତାହା ଉପରେ ସ୍ନାନବିଧି ସମାପନ ହୋଇଥିଲା । ସେଥିପାଇଁ ଅନେକ ଶାସ୍ତ୍ରରେ ଏହା ମଞ୍ଚସ୍ନାନ ବୋଲି ଉଲ୍ଲେଖ ହୋଇଛି । ଶାସ୍ତ୍ରମତରେ ୧୦୮ ସୁନା କଳସରେ ଅଭିମନ୍ତ୍ରିତ ପବିତ୍ର ଜଳରେ ଦାରୁବ୍ରହ୍ମଙ୍କ ଆଦ୍ୟ ସ୍ଥାନଲୀଳା ସମାପନ ହୋଇଥିଲା । ସେହି ଶାସ୍ତ୍ରୀୟ ମତକୁ ଅନୁସରଣ କରି ଆଜି ବି ସେହିପରି ସ୍ନାନଯାତ୍ରା ଅନୁଷ୍ଠିତ ହେଉଅଛି । ସୂଚନାଯୋଗ୍ୟ, ଶାସ୍ତ୍ର ମତରେ ଜ୍ୟୋଷ୍ଠ ପୂର୍ଣ୍ଣିମା ଦିବସରେ ମହାପ୍ରଭୁଙ୍କ ଆବିର୍ଭାବ ହୋଇଥିଲା । ଜ୍ୟୋଷ୍ଠମାସ ପୂର୍ଣ୍ଣମୀରେ ମହାପ୍ରଭୁଙ୍କ ପ୍ରଥମ ସ୍ଥାନଲୀଳା ଜାତି, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଦର୍ଶନ କରିଥିବାରୁ ଏହି ଲୀଳାକୁ ପତିତପାବନ ଲୀଳା କୁହାଯାଏ । ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦଇତାମାନେ ପହଣ୍ଡି କରାଉଥିବା ବେଳେ ମଦନମୋହନଙ୍କୁ କେବଳ ମହାଜନ ସେବକମାନେ ବିଜେ କରାଇଥାନ୍ତି । ପହଣ୍ଡି ବିଜେ ସମୟରେ ସାତ ପାହଚ ଉପରେ ଠାକୁରମାନେ ଚୂଳ ଓ ଟାହିଆ ଲାଗି ହୁଅନ୍ତି । ଏହି ସାତପାହଚ ଉପରେ ଟାହ୍ୟାନାଗି ହେବାପରେ ଦ୍ୱିତୀୟ ମଙ୍ଗଳାର୍ପଣ ହୁଏ । ତା ପରେ ବନ୍ଦାପନା ଓ ପରେ ପରେ ରାଘବଦାସ ମଠରୁ ଆସିଥିବା ଘଷା ନାଗି କରାଯାଏ । ତା ପରେ ପନ୍ତି ଖାଇ ଖାଇ ଠାକୁରମାନେ ସ୍ନାନବେଦିକୁ ଯାଇ ନିଜର ଆସ୍ଥାନ ଉପରେ ଅବସ୍ଥାନ କରନ୍ତି । ସୁଆର ବଡୁ ଅମୂଣିଆ ପାଣି ଛିଞ୍ଚନ୍ତି । ଗରାବଡୁ ସୁବର୍ଣ୍ଣକଳସ ଧରି ଶିତଳାଦେବୀଙ୍କ ସମ୍ମୁଖସ୍ଥ ଓ ବର୍ଷତମାମ ଅପବ୍ୟବହୃତ ହୋଇ ରହିଥିବା ସ୍ୱର୍ଣ୍ଣକୂପରୁ ଜଳ ଆଣନ୍ତି । ଦେବସ୍ଥାନ ପୂର୍ଣ୍ଣିମାର ପୂର୍ବ ଦିନ ମହାପ୍ରଭୁଙ୍କ ପାଇଁ ଶ୍ରୀମନ୍ଦିରର ଦେବଯାନ ମାର୍ଗରେ ଅବା ସୁନା କୂଅରୁ ୧୦୮ କଳସ ଜଳ ସଂଗ୍ରହ କରାଯାଏ । ଏହି ସୁନା କୂଅଟି ଶୀତଳା ଠାକୁରାଣୀ ଓ ତାଙ୍କ ବାହାନ ସିଂହଙ୍କ ମଧ୍ୟରେ ଅବସ୍ଥିତ । ପରେ ଯେପରି ଏହି କୂଅକୁ ବର୍ଷସାରା ସିଂହ ହିଁ ସୁରକ୍ଷିତ ରଖିଥାଏ । କୂଅର ବ୍ୟବହାର ବର୍ଷସାରା ନଥବାରୁ ଜନପଦୀୟ ତାନ୍ତ୍ରିକ ପରମ୍ପରାରେ ଏହି ଜଳକୁ ଅଣତୁଠ ପାଣି ବୋଲି ଗ୍ରହଣ କରାଯାଏ । ସ୍ନାନଲୀଳାରେ ବୈଦିକ ବିଧିରେ ସ୍ନାନ ଜଳ ଅଭିମନ୍ତ୍ରିତ ହେଉଥବା ବେଳେ ସ୍ଥାନ କାଳରେ ତାନ୍ତ୍ରିକ ବିଧିରେ ତେରଟି ପଦାର୍ଥ ମିଶ୍ରଣ କରାଯାଏ । ଯଜ୍ଞ ପରମ୍ପରାରେ ଏହି କୂଅକୁ 'ପ୍ରଣୀତାକୂପ' ବୋଲି କୁହାଯାଏ । ପ୍ରାଚୀନ କାଳରେ ମଧ୍ୟ ଓଡ଼ିଶାରେ ଛୁଆଟିଏ ଜନ୍ମ ହେଲେ ତାହାକୁ ଅଣତୁଠ ପାଣି ମିଶ୍ରଣ କରାଯାଇ ସ୍ନାନ କରିବାର ପରମ୍ପରା ରହିଥଲା । ଏହାଦ୍ୱାରା ଦୁଷ୍ଟ ଶକ୍ତିଙ୍କ ପ୍ରଭାବ କଅଁଳା ପିଲାଙ୍କ ଉପରେ ପଡ଼େନାହିଁ । ଅଭିମନ୍ତ୍ରିତ ହୋଇଥିବା ଜଳରେ ୧୦୮ କଳସରେ ଅଷ୍ଟବନ୍ଧ, କୃଷ୍ଣ-ଅଗୁରୁ, ଉଶୀର, ଗୋରଚନା, ଦେବଦାରୁ, ମୁଥା, ହରିତାଳ, ବାହାଡ଼ା, ଆମଳକୀ, ସଞ୍ଜିଷ୍ଠା, ତାମ୍ରପର୍ଣ୍ଣୀ, ସୋମପର୍ଣ୍ଣୀ ଓ ଲୋଧା ମିଶ୍ରତ କରାଯାଏ । ଏହି ମହୌଷଧି ମିଶ୍ରଣ କରାଯିବା ପରେ ଜଳକୁ ଅଭିମନ୍ତ୍ରିତ କରାଯାଏ । ସେହି ଗନ୍ଧଯୁକ୍ତ ଅଭିମନ୍ତ୍ରିତ ଜଳରେ ଦାରୁବ୍ରହ୍ମଙ୍କୁ ଶ୍ରୀଜୀଉମାନଙ୍କୁ ୧୦୮ ଗରା ଜଳରେ ସ୍ନାନ କରାଯାଏ । ଏହି ଜଳରୁ ୩୫ ଗରା ଜଗନ୍ନାଥଙ୍କୁ, ୩୩ ଗରା ବଳଭଦ୍ରଙ୍କୁ, ୨୨ ଗରା ସୁଭଦ୍ରାଙ୍କୁ ଓ ୧୮ ଗରା ସୁଦର୍ଶନଙ୍କୁ ସ୍ନାନ କରାଯାଏ ।ଏହାକୁ 'ପ୍ରତ୍ୟେକ୍ଷ ଅବକାଶ' କହନ୍ତି । ପ୍ରଭୁଙ୍କୁ ଏହି ଦିନ ଗଜାନନ ବେଶ କରାଯାଏ । ଏହି ଦିନ ରାଘବଦାସ ମଠ ପକ୍ଷରୁ ଦେବୀ ସୁଭଦ୍ରାଙ୍କୁ ଫୁଲଚୂଳ, ଚନ୍ଦ୍ରିକା ଓ ଛତ୍ରି ନାଗି କରାଯାଇ ବେଶ କରାଯାଏ । ଗୋପାଳତୀର୍ଥ ମଠଦ୍ୱାରା ପ୍ରଦତ୍ତ ଶ୍ରୀବଳଭଦ୍ରଙ୍କୁ ଗଜାନନ ବେଶ ଓ ଶୁଦର୍ଶନଙ୍କୁ ଚକ୍ର ଲାଗି କରାଯାଏ । ଏହି ଦିନ ତିନି ଧୂପ ବଦଳରେ ଗୋଟିଏ ଧୂପ ଦିଆଯାଏ । ତାପରେ ଠାକୁରମାନେ ଶ୍ରୀମନ୍ଦିରକୁ ଗୋଟି ପହଣ୍ଡିରେ ଫେରନ୍ତି । ଭିତର କାଠପାଖ ଅଣସର ପିଣ୍ଡିରେ ଠାକୁରମାନେ ବିଜେ କରିବାପରେ ଟାଟି ବନ୍ଧାଯାଏ ଓ ପଟିମୂର୍ତ୍ତି ସ୍ଥାପନା କରାଯାଏ । ତାପରେ ଏହି ଚତୁର୍ଧାମୂର୍ତ୍ତି ସ୍ନାନପୂର୍ଣ୍ଣିମା ଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ଦିର୍ଘ ୧୫ ଦିନ ଧରି ଜ୍ୱରରେ ପଡ଼ନ୍ତି । ଏହାକୁ ଅଣସର କୁହାଯାଏ । ଏହି ୧୫ ଦିନ ଭକ୍ତମାନେ ଜିଉମାନଙ୍କର ଦର୍ଶନ ପାଆନ୍ତି ନାହିଁ । ଏହି ସମୟରେ ଭକ୍ତମାନେ ନିକଟସ୍ଥ ବ୍ରହ୍ମଗିରିରେ ପୂଜିତ ହେଉଥିବା ଅଲାରନାଥଙ୍କୁ ଦର୍ଶନ କରନ୍ତି ।

ଦେବସ୍ନାନ ପୂର୍ଣ୍ଣିମା ଦିନ ଚତୁର୍ଦ୍ଧା ମୂର୍ତ୍ତି, ସ୍ନାନ ପରେ ଗଜବେଶରେ ସଜ୍ଜିତ ହୁଅନ୍ତି । ଏହା ପଛରେ ଏକ କିମ୍ବଦନ୍ତୀ ନିହିତ । ମହାରାଷ୍ଟ୍ରର ଏକ ବ୍ରାହ୍ମଣ ଗଣପତି ଭଟ୍ଟ ଥରେ ଶ୍ରୀ କ୍ଷେତ୍ରର ମହିମା ବିଷୟରେ ଶୁଣି, ମହାପ୍ରଭୁଙ୍କ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଆସିଲେ। ସେ ଭଗବାନ ଗଣେଶଙ୍କର ଭକ୍ତ ଥିଲେ । ତେଣୁ ଦାରୁ ବିଗ୍ରହଙ୍କ ଦର୍ଶନ କରି, ଗଜ ରୂପ ନଦେଖି ସେ ତାଙ୍କୁ ପରମବ୍ରହ୍ମ ବୋଲି ମାନିବାକୁ ଅସ୍ୱୀକାର କଲେ ଏବଂ କ୍ଷୁବ୍ଧ ହୋଇ ମନ୍ଦିର ତ୍ୟାଗ କଲେ । ପରଦିନ ଦେବସ୍ନାନ ପୂର୍ଣ୍ଣିମା ଥିଲା । ମହାପ୍ରଭୁଙ୍କ ଆଦେଶରେ ବଡ଼ପଣ୍ଡା ଗଣପତି ଭଟ୍ଟଙ୍କୁ ସ୍ନାନ ଯାତ୍ରା ଦେଖିବା ପାଇଁ ଆମନ୍ତ୍ରଣ କଲେ । ତାଙ୍କ ଦୃଷ୍ଟି ସମ୍ମୁଖରେ ଦାରୁ ବିଗ୍ରହ ଶ୍ରୀ ଜଗନ୍ନାଥଙ୍କ ରୂପ ପରିବର୍ତ୍ତନ ହୋଇ ଗଣପତି ରୂପ ହୋଇଗଲା । ଏ ଅଲୌକିକ ଘଟଣା ଦେଖି ତାଙ୍କର ଜ୍ଞାନୋଦୟ ହେଲା ଏବଂ ସେ ନିଜର ଭୁଲ ବୁଝିପାରିଲେ । ତାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ତାଙ୍କୁ ବର ପ୍ରଦାନ କଲେ ଯେ, ପ୍ରତିବର୍ଷ ଏହି ଦିନରେ ସେ ଗଜବେଶ ଧାରଣ କରିବେ । ଏହି ଘଟଣା ପରଠାରୁ ପ୍ରତିବର୍ଷ ଚତୁର୍ଦ୍ଧା ମୂର୍ତ୍ତି ସ୍ନାନ ପୂର୍ଣ୍ଣିମାରେ ଗଜବେଶ ଧାରଣ କରନ୍ତି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ହାତୀ ବେଶ ବା ଗଜାନନ ବେଶ ସମ୍ପର୍କରେ ରହିଥିବା କିମ୍ବଦନ୍ତୀ ଅନୁଯାୟୀ ପଞ୍ଚଦଶ ଶତାବ୍ଦୀରେ ମହାରାଷ୍ଟ୍ରରୁ ମହାଗାଣପତ୍ୟ ସମ୍ପ୍ରଦାୟର ଶ୍ରୀ ଗଣପତି ଭଟ୍ଟ ନାମକ ଜୈନିକ ବିଶିଷ୍ଟ ବ୍ରାହ୍ମଣ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ । ସେ ପ୍ରଭୁ ଗଣେଶଙ୍କ ବଡ଼ ଭକ୍ତ ଥିଲେ । ସ୍ନାନ ପୂର୍ଣ୍ଣମୀ ଦିନ ଶ୍ରୀମନ୍ଦିରରୁ ପ୍ରବେଶ କରି ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରି ଗଣପତି ଭଟ୍ଟ ସନ୍ତୋଷ ଲାଭ କଲେ ନାହିଁ । ତେଣୁ ନିରାଶ ମନରେ ଶ୍ରୀକ୍ଷେତ୍ରରୁ କିଛି ବାଟ ଯିବା ପରେ ମୁକ୍ତେଶ୍ୱର ଠାରେ ଶୂନ୍ୟବାଣୀ ଶୁଣି ପୁନଶ୍ଚ ଶ୍ରୀମନ୍ଦିରକୁ ଫେରିଆସି ଦେଖନ୍ତି ଯେ, ଠାକୁରମାନେ ତାଙ୍କର ଇଷ୍ଟ ଗଣପତି ରୂପ ଧାରଣ କରି ଧବଳ ରୂପରେ ବଳଭଦ୍ର ଓ କଳା ରୂପରେ ଜଗନ୍ନାଥ ଶୋଭା ପାଉଛନ୍ତି । ଗଣପତି ଭଟ୍ଟ ଏହି ଦୃଶ୍ୟ ଦେଖି ଭକ୍ତି ବିଭୋର ହୋଇପଡ଼ିଲେ ଓ ତତ୍‌କ୍ଷଣାତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚରଣାରବିନ୍ଦରେ ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ ପ୍ରାର୍ଥନା କରିଥିଲେ । ଗଣପତି ଭଟ୍ଟଙ୍କ ଗଣପତି ବେଶ ଦର୍ଶନର ସ୍ମାରକୀ ସ୍ୱରୂପ ଏହି ବେଶ ହୋଇ ଆସୁଛି ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ - ୮୨୪୯୫୦୨୭୭୬

ଜଟିଳ ସ୍ୱତ୍ତ୍ୱାଧିକାର ଚର୍ଚ୍ଚାରେ

ଉତ୍ତରାଧିକାରୀ ଆଇନକୁ ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ

ଯୁଧିଷ୍ଠିର ମହାରଣା

ଆମ ମାନଙ୍କ ଭିତରେ ଏବେ ବି ଡାକଘରେ ସଞ୍ଚୟ ଖାତା ଖୋଲିବା ଏବଂ ନିରାପଦ ଆର୍ଥିକ ବ୍ୟବସ୍ଥାର ଡାକ ଘର ମଧ୍ୟ ଏକ ଅନ୍ୟତମ ଭୂମିକାରେ ଥାଏ। ଯାହାପାଇଁ ଡାକଘରେ ଅନେକ ଲୋକ ପ୍ରାୟତଃ ସଞ୍ଚୟ ଖାତା ବା ପାସବୁକ ଖୋଲି ସେମାନଙ୍କର ଆର୍ଥିକ ଦେଣନେଣ କରିଥାନ୍ତି। ସଞ୍ଚୟ ବ୍ୟାଙ୍କ ଜମାଖାତାଧାରୀଙ୍କ ଅବର୍ତ୍ତମାନରେ ତାଙ୍କ ଉତ୍ତରାଧିକାରୀଙ୍କୁ ଜମା ବାବଦ ପ୍ରାପ୍ୟ ମିଳିବାର ଯେଉଁ ନିୟମ ରହି ଆସିଛି, ତାହା କ୍ରମଶଃ ଜଟିଳ ହେଉଥିବା ଭୁକ୍ତଭୋଗୀମାନେ ଅଭିଯୋଗ କରି ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ନିକଟରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦତ୍ତ ଏକ ରାୟକୁ ନେଇ ବିତର୍କ ସୃଷ୍ଟି ହୋଇଛି।

ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ- ୧୯୪୯ ଅନୁଯାୟୀ ବ୍ୟାଙ୍କ ଜମା ଖାତାଧାରୀଙ୍କ ମୃତ୍ୟୁ ପରେ ଆକାଉଣ୍ଟରେ ବା ଖାତାରେ ଥିବା ଜମାରାଶି ହକଦାର କିଏ ହେବ ତାହା ଉଲ୍ଲେଖ କରାଯାଇଛି। ଏହି ନିୟମ ଅନୁଯାୟୀ ଜମାକାରୀ ବା ଆକାଉଣ୍ଟ ହୋଲଡ଼ର ତାଙ୍କ ଖାତାରେ ଉତ୍ତରାଧିକାରୀ ବା ନୋମିନ ଭାବେ ଯାହାଙ୍କ ନାମ ଉଲ୍ଲେଖ ଥାଏ ତେବେ କେଉଁ ନୋମିନ ମୋଟ ଜମା ଅର୍ଥରାଶିରୁ କେତେ ଭାଗ ପାଇବାକୁ ହକଦାର ତାହା ମଧ୍ୟ ନୋମିନି ଫର୍ମ ବା ଘୋଷଣାନାମାରେ ଉଲ୍ଲେଖ ଥାଏ। ଯଦି ଜମାକାରୀଙ୍କ ଏକାଧିକ ଉତ୍ତରାଧିକାରୀ ବା ଦାୟାଦ ଥାନ୍ତି କିନ୍ତୁ ମାତ୍ର ଜଣଙ୍କର ନାମ ନୋମିନ ଭାବରେ ଉଲ୍ଲେଖ ଥାଏ, ତେବେ ତାକୁ ହିଁ ସେ ବାବଦ ପ୍ରାପ୍ୟ ଦେବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ବାଧ୍ୟ। ଏହାପରେ ସମ୍ପୃକ୍ତ ନୋମିନ ସେହି ଅର୍ଥରାଶିକୁ ଅନ୍ୟ ଦାୟାଦ ମାନଙ୍କୁ କେତେ ଦେବେ କିମ୍ବା ନ ଦେବେ ତାହା ତାଙ୍କ ବିବେକ ଉପରେ ନିର୍ଭର କରେ କିମ୍ବା କୋର୍ଟକଚେରୀ ନିଷ୍ପତ୍ତି ନିଏ। କିନ୍ତୁ ଦାୟାଦଙ୍କ ଭାଗବଣ୍ଟା ବିବାଦ ଆଳରେ ବ୍ୟାଙ୍କ କର୍ତ୍ତୃପକ୍ଷ ଉକ୍ତ ଅର୍ଥରାଶିକୁ ଅଟକାଇ ରଖିପାରିବେ ନାହିଁ।

ନିକଟରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ ଦେଇଥିବା ରାୟ ଅନୁସାରେ ଖାତାରେ ଯାହାଙ୍କ ନାମ ନୋମିନ ଭାବେ ଉଲ୍ଲେଖ ଥାଉ ନା କାହିଁକି ଉକ୍ତ ରାଶି ନୋମିନଙ୍କ ଦସ୍ତଖତରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଠାରୁ ଗୃହୀତ ହେବେ ଏବଂ ଏକାଧିକ ଉତ୍ତରାଧିକାରୀ ବା ଦାୟାଦଙ୍କ ମଧ୍ୟରେ ବଣ୍ଟନ ହେବ। କେବଳ ନୋମିନ ସେହି ସମ୍ପୂର୍ଣ୍ଣ ରାଶିର ଏକ ଚାଟିଆ ମାଲିକାନା ଜାହିର କରିପାରିବେ ନାହିଁ। ଏହି ରାୟ ଦେବା ବେଳେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ ସର୍ବୋଚ୍ଚ ନ୍ୟାୟାଳଙ୍କ ଏକ ରାୟକୁ ଆଧାର ଭାବେ ଗ୍ରହଣ କରିଛନ୍ତି ଏବଂ କୌଣସି ପରିସ୍ଥିତିରେ ଉତ୍ତରାଧିକାରୀ ଆଇନକୁ ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ ଅଧିକ୍ରମଣ କରିପାରିବ ନାହିଁ ବୋଲି କହିଛନ୍ତି। ଏ ସମ୍ପର୍କରେ ଅଧିକ ଆଲୋଚନା କରିବା ପୂର୍ବରୁ ମାମଲାର ବିବରଣୀ ବିଷୟରେ କିଞ୍ଚିତ ଆଲୋକପାତ କରିବା ଉଚିତ ହେବ। ମନୋଜ କୁମାର ଶର୍ମା ନାମକ ଜଣେ ବ୍ୟକ୍ତିଙ୍କ ମାଆଙ୍କ ନାମରେ ବ୍ୟାଙ୍କ ଅଫ ବରୋଦା ଶାଖାରେ ଏକ ମିଆଦୀ ଜମା ଫିକ୍ସଡ ଡିପୋଜିଟ ରହିଛି, ଯେଉଁଥିରେ ନୋମିନ ରହିଛନ୍ତି ମନୋଜ। ୨୦୨୦ ଫେବୃଆରୀ ୮ରେ ତାଙ୍କ ମାଆଙ୍କର ମୃତ୍ୟୁ ପରେ ମିଆଦୀ ଜମା ବାବଦ ଅର୍ଥରାଶି ପାଇବା ପାଇଁ ମନୋଜ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଥିଲେ। କିନ୍ତୁ ତାଙ୍କ ଭାଇ ବା ଜମାକାରୀଙ୍କ ଅନ୍ୟ ଦାୟାଦମାନେ ସେହି ଅର୍ଥରୁ ଭାଗ ଦାବି କରି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ବାଦୀ-ପ୍ରତିବାଦୀମାନଙ୍କ ଓକିଲ ସେମାନଙ୍କ ମହକିଲଙ୍କ ସପକ୍ଷରେ ସ୍ୱାଭାବିକ ଭାବରେ ଯୁକ୍ତି ଉପସ୍ଥାପନ କରିବା ପରେ ମାମଲା ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟରେ ପହଞ୍ଚିଥିଲା। ମାମଲାର ଶୁଣାଣି କରି ବିଚାରପତି ଶେଖର ବି ସରାଫ ଓ ବିଚାରପତି ବିପିନ ଚନ୍ଦ୍ର ଦୀକ୍ଷିତଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ତାଙ୍କ ରାୟରେ ନୋମିନଙ୍କ ସମେତ ଅନ୍ୟ ଉତ୍ତରାଧିକାରୀମାନେ ମଧ୍ୟ ଜମା ବାବଦ ଅର୍ଥ ପାଇବା ପାଇଁ ହକଦାର ବୋଲି ସ୍ପଷ୍ଟ କରିଛନ୍ତି ଏବଂ ଉକ୍ତ ଅର୍ଥରାଶିକୁ ଏକ ଟ୍ରଷ୍ଟରେ ଜମା କରିବାକୁ ବ୍ୟାଙ୍କ ଶାଖା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ରାୟ ପରେ ବନ୍ଦ ପଡ଼ିଥିବା ଖାତାର ପ୍ରାପ୍ୟ ଅଧିକାର ପ୍ରକ୍ରିୟା ଆହୁରି ଆଇନଗତ ଜଟିଳତା ଭିତରକୁ ଚାଲିଯାଇଛି। ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ ୧୯୪୯ ଅନୁଯାୟୀ ନୋମିନଙ୍କୁ ଅଚଳ ଖାତାର ପ୍ରାପ୍ୟର ହକଦାର କରାଯାଇଥିଲେ ମଧ୍ୟ ଏ ପ୍ରକ୍ରିୟା ଏତେ ଜଟିଳ ଯେ ସାଧାରଣ ଲୋକଟିଏ ପ୍ରାପ୍ୟ ପାଇଁ ନୟାନ୍ତ ହେବାକୁ ପଡୁଛି। ଏ ସମ୍ପର୍କିତ ବିଭିନ୍ନ ବ୍ୟାଙ୍କ ନୀତି, ନିୟମ ଓ ସର୍ତ୍ତ ମଧ୍ୟ ଭିନ୍ନ ଭିନ୍ନ। ନୋମିନଙ୍କ ନାମ ଓ ପରିଚୟ ବ୍ୟାଙ୍କ ଖାତାରେ ସ୍ପଷ୍ଟ ଉଲ୍ଲେଖ ଥିଲେ ମଧ୍ୟ ଖାତାଧାରୀଙ୍କ ଅବର୍ତ୍ତମାନରେ ସେହି ପ୍ରାପ୍ୟ ପାଇବାକୁ ହେଲେ ବ୍ୟାଙ୍କ ଶାଖା କର୍ତ୍ତୃପକ୍ଷଙ୍କ ଆଗରେ ଆହୁରି ଅନେକ ସାକ୍ଷ୍ୟ ପ୍ରମାଣ ଯୋଗାଡ଼ କରିବାକୁ ପଡୁଛି। ନାମ ଓ ପରିଚୟର ସର୍ବସ୍ୱୀକୃତ ଓ ସର୍ବଗ୍ରାହ୍ୟ ପ୍ରମାଣପତ୍ର ଭାବେପ ଆଧାର ପରିଚୟ ପତ୍ରକୁ ସରକାର ସ୍ୱୀକୃତି ଦେଇଛନ୍ତି। ନୋମିନଙ୍କ ନାମ ଖାତାରେ ଉଲ୍ଲେଖ କରିବା ସମୟରେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ତାହାକୁ ହିଁ ନିର୍ବିକାରରେ ଗ୍ରହଣ କରୁଛନ୍ତି। କିନ୍ତୁ ଖାତାଧାରୀଙ୍କ ଅବର୍ତ୍ତମାନରେ ଖାତାରେ ଥିବା ରାଶି ପାଇବା ବେଳକୁ ଆଧାର ପରିଚୟ ପତ୍ର ତାର ମୌଳିକ ଶକ୍ତି ହରାଉଛି। ତେଣୁ ଆଧାର ପରିଚୟ ପତ୍ର ସହିତ ବିଚରା ନୋମିନଙ୍କୁ ଆହୁରି ଏଭଳି ଏକାଧିକ ଚିହ୍ନଟକାରୀ ଓ ସାକ୍ଷ୍ୟ ଯୋଗାଡ଼ କରିବାକୁ ପଡୁଛି, ଯେଉଁମାନଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀ ସରକାରୀ ଚାକିରିଆ, ଅର୍ଦ୍ଧ-ନ୍ୟାୟିକ କିମ୍ବା ନ୍ୟାୟିକ ଅଧିକାରୀ, ନିର୍ବାଚିତ ଜନପ୍ରତିନିଧି ମାନେ ଆସୁଛନ୍ତି। କେତେକ କ୍ଷେତ୍ରରେ ସାକ୍ଷ୍ୟ, ପ୍ରମାଣ ଓ ମୁଚାଲିକା ଭାବରେ ଟିକସ ପୈଠ ବିବରଣୀ ସହିତ ଦାଖଲ କରିବାକୁ ପଡୁଛି। ଯେଉଁଠାରେ ନୋମିନଙ୍କ ନାମ ଉଲ୍ଲେଖ ନଥାଏ ସେଠାରେ ଲିଗାଲ ହେୟାର ସାର୍ଟିଫିକେଟ ଆଧାରରେ ସମସ୍ତଙ୍କ ମଧ୍ୟରେ ସମାନ ଭାବରେ ସମ୍ପତ୍ତି ବା ଜମା ପରିମାଣ ରାଶି ବାଣ୍ଟି ଦେବାର ନିୟମ ରହିଛି। ଏହି ନିୟମର କାର୍ଯ୍ୟକାରିତା ମଧ୍ୟ ଏତେ ଜଟିଳ ଯେ ଏଥିପାଇଁ ଦାବିଦାରଙ୍କୁ ସତ୍ୟପାଠ, ସ୍ୱତ୍ତ୍ୱ ପ୍ରତ୍ୟାଖ୍ୟାନ ପ୍ରମାଣ ପତ୍ର ଓ କ୍ଷତିବିମୁକ୍ତି ପ୍ରମାଣ ପତ୍ର ସହିତ ଆବେଦନ କରିବାକୁ ପଡୁଛି।ଏଭଳି ପରିସ୍ଥିତିରେ ମଫସଲରେ ରହୁଥିବା ଅପାଠୁଆ ଓ ଅର୍ଦ୍ଧପାଠୁଆ ହିତାଧିକାରୀଙ୍କ ଦୂରବସ୍ଥା ନ କହିବା ଭଲ। ଯଦି ଖାତାଧାରୀଙ୍କ ଆକାଉଣ୍ଟରେ କମ ଅର୍ଥ ରହିଥିବ ତେବେ ଦାବି ପାଇଁ ଦୌଡ଼ି ନୟାନ୍ତ ହେବା ବଦଳରେ ବରଂ ଛାଡ଼ି ଦେବାକୁ ଅନେକେ ଉଚିତ ମଣୁଛନ୍ତି। ଯେଉଁଠି ନିୟମ ଆହୁରି ସରଳ ହେବା କଥା ସେଠାରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ରାୟ ବ୍ୟବସ୍ଥାକୁ ଆହୁରି ଜଟିଳ କରିଦେଇଥିବା ପରି ମନେ ହେଉଛି। ସମ୍ପତ୍ତିର ଭାଗବଣ୍ଟାକୁ ନେଇ ଦାୟାଦଙ୍କ ମଧ୍ୟରେ ବିବାଦ ଓ ସଂଘର୍ଷର ଉଦାହରଣ ଅନେକ। ସେହି ଦୃଷ୍ଟିରୁ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ରାୟ ସ୍ୱାଗତଯୋଗ୍ୟ। କିନ୍ତୁ ଏହି ରାୟ ସମାଜର ସବୁସ୍ତର ପାଇଁ କାର୍ଯ୍ୟକାରୀ ହେଉଥିବାରୁ ବିଚରା ଅମାୟିକ ଲୋକମାନେ ବ୍ୟବସ୍ଥାର ଜଟିଳତା ଭିତରେ ପେସି ହୋଇଯାଉଛନ୍ତି। ଏବେ ସମୟ ଆସିଛି ବ୍ୟବସ୍ଥା କିପରି ସମାବେଶୀ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବାର। ଏଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ସାର୍ବଜନୀନ ସରଳ ନୀତି ନିର୍ଦ୍ଧାରଣ କରିବା ଆବଶ୍ୟକ।

ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮
E-mail : myudhishthir@rediffmail.com

ସ୍ମଶାନ ଜବର ଦଖଲ ଉଚ୍ଛେଦ ଦାବିରେ ଆମରଣ ଅନଶନ

ବସ୍ତା,୬।୭ : ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ଥେଙ୍ଗଡ଼ିଆ ଗ୍ରାମର ସରକାରୀ ସ୍ମଶାନ ଜମିରୁ ଜବର ଦଖଲ ଉଚ୍ଛେଦ ଦାବିରେ ଆରମ୍ଭ ହୋଇଥିବା ଆମରଣ ଅନଶନ ଦୁଇଘଣ୍ଟା ପରେ ଭଙ୍ଗ ହୋଇଛି। ବସ୍ତା ତହସିଲଦାରଙ୍କ ପ୍ରତିଶୃତି ପରେ ଅନଶନକାରୀମାନେ ଜୁସ୍ ପିଇ ଅନଶନ ଭଙ୍ଗ କରିଛନ୍ତି।ଆଜି ସକାଳ ୧୦ଟା ରୁ ଗ୍ରାମର ସୁବର୍ଣ୍ଣ ଦାସ, ଝାଡ଼େଶ୍ୱର ପ୍ରଧାନ, ଅନନ୍ତ ଅଣ୍ଡିଆ, ପୂର୍ଣଚନ୍ଦ୍ର ପ୍ରଧାନ, ରମାକାନ୍ତ ଜେନା, ପ୍ରଦୀପ ପ୍ରଧାନ, ସୁଦର୍ଶନ ସାହୁ, ପ୍ରତାପ ସାହୁ, ସୁଶାନ୍ତ ଦେ, ଟୁକୁ ବିନ୍ଧାଣି ସହ ବହୁ ଗ୍ରାମବାସୀ ଅନଶନ ରେ ବସିଥିବାବେଳେ ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ସୁଧାଂଶୁ ଶେଖର ଜେନା,ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଉପସଭାପତି ରବୀନ୍ଦ୍ର ଦାସ,ବ୍ଲକ ସାଧାରଣ ସମ୍ପାଦକ ମଦନ ଭକ୍ତା,ଅଞ୍ଜଳି ପ୍ରଧାନ,ଗୌରୀଶଙ୍କର ଜେନାଙ୍କ ସହ ବହୁ କଂଗ୍ରେସ କର୍ମୀ ଅନଶନକାରୀଙ୍କ ସହ ଭେଟି ଆଲୋଚନା କରି ଅନଶନରେ ସାମିଲ ହୋଇଥିଲେ।ଉଚ୍ଚ ନ୍ୟାୟାଳୟ ଗତ ୨୦୨୫ ମାର୍ଚ୍ଚ ୫ ତାରିଖ ଓ ବାଲେଶ୍ୱର ଜିଲ୍ଲାପାଳ ଚଳିତ ବର୍ଷ ଜୁନ ୬ ତାରିଖରେ ସ୍ମଶାନ ଜମିକୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବି ପ୍ରଶାସନ ପଦକ୍ଷେପ ନେଉନଥିବା ସେମାନଙ୍କ ଅଭିଯୋଗ ଥିଲା। ଆଜି ଅପରାହ୍ନ ୧୨ଟା ରେ ବସ୍ତା ତହସିଲଦାର ଅନଶନ ସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରି, ଜୁସ ପିଆଇ ପ୍ରତିଶ୍ରୁତି ଦେଇଛନ୍ତି ଯେ, ଆସନ୍ତା ୧୦ ତାରିଖରେ ପୋଲିସ ଫୋର୍ସ ସହ ମିଶି ସ୍ମଶାନ ଜମିରୁ ସମସ୍ତ ଜବର ଦଖଲ ଉଚ୍ଛେଦ କରାଯିବ। ଏ ନେଇ ସମସ୍ତ ପ୍ରସ୍ତୁତି ନିଆସରିଛି। ଅନଶନରେ ନେତୃତ୍ୱ ନେଇଥିବା ଗ୍ରାମର ସୁବର୍ଣ୍ଣ ଦାସ କହିଲେ, ଆମେ ତହସିଲଦାରଙ୍କ ପ୍ରତିଶୃତିକୁ ସମ୍ମାନ ଦେଇ ଅନଶନ ଭଙ୍ଗ କଲୁ। ଯଦି ଆସନ୍ତା ୧୦ ତାରିଖ ଦିନ ଉଚ୍ଛେଦ ନହୁଏ, ତେବେ ଆମେ ପୁଣି ଆନ୍ଦୋଳନକୁ ତୀବ୍ର କରିବୁ।ତହସିଲଦାର ସୁଶାନ୍ତ ପଟ୍ଟନାୟକ କହିଛନ୍ତି, ଗତ ୩ ତାରିଖ ଉଚ୍ଛେଦ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା ମାତ୍ର ଆବଶ୍ୟକ ପୋଲିସ ବଳ ନଥିବାରୁ ଉଚ୍ଛେଦ ହୋଇପାରିନଥିଲା ଏବେ ସମସ୍ତ ପ୍ରକ୍ରିୟା ସରିଛି। ଆସନ୍ତା ୧୦ତାରିଖରେ ଉଚ୍ଛେଦ କରାଯିବ। ଅନଶନ ଭଙ୍ଗ ହେବା ପରେ ଗାଁରେ ସ୍ଥିତି ସ୍ୱାଭାବିକ ରହିଛି। ତେବେ ଗ୍ରାମବାସୀମାନେ ପ୍ରଶାସନର ପଦକ୍ଷେପ ଉପରେ କଡା ନଜର ରଖିଥିବା କହିଛନ୍ତି।

ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀରେ ବିଶାଳ ଛାତ୍ର-ଯୁବ ସମାବେଶ

ବାଲେଶ୍ୱର,୬।୭ : ବାଲେଶ୍ୱର ଜିଲ୍ଲା ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ରବିବାର ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ବିଶାଳ ଛାତ୍ର-ଯୁବ ସମାବେଶ ଅନୁଷ୍ଠିତ ହୋଇଛି। ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ନାରାୟଣ ମହନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବକ୍ତାମାନେ ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ରାଷ୍ଟ୍ରବାଦୀ ଚିନ୍ତାଧାରା, ତ୍ୟାଗ ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିବା ସହ ଯୁବପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶସେବାରେ ନିଜକୁ ସମର୍ପିତ କରିବାକୁ ଆହ୍ୱାନ ଦେଇଥିଲେ। ସମାବେଶରେ ପୂର୍ବତନ ମନ୍ତ୍ରୀ, ସିମୁଳିଆ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଦର ବିଧାୟକ ମାନସ ଦତ୍ତ, ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ମାନସ କୁମାର ସାହୁ, ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ସାଧାରଣ ସମ୍ପାଦକ ଲକ୍ଷ୍ମୀକାନ୍ତ ମହାଳିକ ଓ ସୁମିତ ପ୍ରଧାନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ଅଙ୍କିତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲ୍ଲା ସମ୍ପାଦକ ହରିଚନ୍ଦନ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ରାଷ୍ଟ୍ରୀୟ ବନ୍ଦନା ଓ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରାଯାଇଥିବାବେଳେ ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧,୫୦୦ରୁ ଅଧିକ କଲେଜ ଛାତ୍ରଛାତ୍ରୀ, ଯୁବବର୍ଗ ଓ ମହିଳା ଯୋଗଦେଇଥିଲେ। ରାଜେଶ ରଣା, ଗୋପୀ ବଲ୍ଲଭ ରାଉତ, ରାହୁଲ ଦାସ, ଉମେଶ ଦାସ, ଅମର ନାୟକ, ଏନ୍. ଦିବ୍ୟଜ୍ୟୋତି ପ୍ରମୁଖ ଉପସ୍ଥିତ ଥିଲେ।

ଜିଏସ୍‌ଟି ବିଭାଗର ରେଞ୍ଜସ୍ତରୀୟ ଆଡଭାଇଜରୀ କମିଟି ବୈଠକ

ବାଲେଶ୍ୱର : ବାଲେଶ୍ୱର ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) କାର୍ଯ୍ୟାଳୟ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ରେଞ୍ଜସ୍ତରୀୟ ଆଡଭାଇଜରୀ କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ସ୍ୱତନ୍ତ୍ର କମିଶନର ଅକ୍ଷୟ କୁମାର ପାଟଯୋଶୀ ବୈଠକକୁ ଉଦ୍‌ଘାଟନ କରିଥିବା ବେଳେ ବାଲେଶ୍ୱର ରେଞ୍ଜର ଆଡିସନାଲ କମିଶନର ଧୀରେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।ବୈଠକରେ ରାଜ୍ୟ ଜିଏସ୍‌ଟି ବିଭାଗର ବିଭିନ୍ନ ଅଧିକାରୀଙ୍କ ସହ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାର ବ୍ୟବସାୟୀ, ଶିଳ୍ପ, ବାଣିଜ୍ୟ ଓ ଖୁଦ୍ର ବ୍ୟବସାୟୀ ସଂଗଠନର ପ୍ରତିନିଧିମାନେ ଯୋଗଦେଇଥିଲେ। ଅଂଶଗ୍ରହଣକାରୀମାନେ ଜିଏସ୍‌ଟି ସମ୍ପର୍କିତ ବିଭିନ୍ନ ସମସ୍ୟା, ପରାମର୍ଶ ଓ ମତାମତ ଉପସ୍ଥାପନ କରିଥିଲେ। ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାରୁ ୨୦୨୪-୨୫ ଆର୍ଥିକ ବର୍ଷରେ ୫୨୭ କୋଟି ଟଙ୍କା ଜିଏସ୍‌ଟି ରାଜସ୍ୱ ସଂଗ୍ରହ ହୋଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ବୃଦ୍ଧି ପାଇ ୬୦୧.୮ କୋଟି ଟଙ୍କାରେ ପହଞ୍ଚିଛି। ଏହା ପୂର୍ବବର୍ଷ ତୁଳନାରେ ପ୍ରାୟ ୧୪ ପ୍ରତିଶତ ଅଧିକ ବୋଲି କୁହାଯାଇଛି। ଭବିଷ୍ୟତରେ ରାଜସ୍ୱ ଆଦାୟକୁ ଆହୁରି ସୁଦୃଢ଼ କରିବା ସହ କରଦାତାଙ୍କୁ ଉନ୍ନତ ସେବା ପ୍ରଦାନ ପାଇଁ ବ୍ୟବସାୟୀ, ଶିଳ୍ପ ସଂସ୍ଥା ଓ ଜିଏସ୍‌ଟି ବିଭାଗ ମଧ୍ୟରେ ସମନ୍ୱୟ ଓ ସହଯୋଗ ବୃଦ୍ଧି ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

କୋରକରାରେ ଜନ ଅଭିଯୋଗ ଶୁଣାଣି ଶିବିର ସଫଳ

- ବାସଘର ସମସ୍ୟାକୁ ନେଇ ସର୍ବାଧିକ ଅଭିଯୋଗ
- ୫୮ ଆବେଦନର ତୁରନ୍ତ ସମାଧାନ

ଫୁଲନଖରା,୬।୭ : ସାଧାରଣ ଲୋକଙ୍କ ସମସ୍ୟାର ଶୀଘ୍ର ସମାଧାନ ଏବଂ ସରକାରୀ ସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବାରଙ୍ଗ ବ୍ଲକ ଅନ୍ତର୍ଗତ କୋରକରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ଜନ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଗ୍ରାମବାସୀମାନେ ବିଭିନ୍ନ ସରକାରୀ ଯୋଜନା, ମୌଳିକ ସୁବିଧା ଏବଂ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥାପନ କରିଥିଲେ। ମୋଟ ୭୮ଟି ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ, ସେଥିମଧ୍ୟରୁ ୫୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ପଦକ୍ଷେପ ନେବାକୁ ପଠାଯାଇଛି। ଶିବିରରେ ବାରଙ୍ଗ ବିଡିଓ ସ୍ୱାଗତ ଦାସ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଧୈର୍ଯ୍ୟର ସହ ଶୁଣିବା ସହିତ ତୁରନ୍ତ ସମାଧାନ ଯୋଗ୍ୟ ପ୍ରସଙ୍ଗରେ ସମ୍ପୃକ୍ତ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଲୋକଙ୍କ ସମସ୍ୟାର ସମାଧାନରେ ପ୍ରଶାସନ ସର୍ବଦା ତତ୍ପର ରହିବ ବୋଲି ସେ କହିଥିଲେ। ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ସିଡିପିଓ ସଂଯୁକ୍ତା ମହାରଣା, ବିଏସଏସଓ ସ୍ନାତରାଣୀ ସାହୁ, ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା, ଯୋଗାଣ ଅଧିକାରୀ ଜୟଶ୍ରୀ ହରିଚନ୍ଦନ, ବିପିସି ଗଙ୍ଗୋତ୍ରୀ ପ୍ରିୟଦର୍ଶିନୀ, ସୁଭଦ୍ରା ସଂଯୋଜିକା ମାମା ଭୂୟାଁ, ଏଡିଇଓ ରୁକ୍ମିଣୀ ପଣ୍ଡା, ପ୍ରିୟଦର୍ଶିନୀ ଆନିଲ, କିରଣ ସାହୁ, ଏସିପି ପବିତ୍ର ମୁଳିଆ, କୋରକରା ସରପଞ୍ଚ ଅଶୋକ କୁମାର ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଗ୍ରହଣ ଓ ଶୁଣାଣି ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିଥିଲେ। ଶିବିରରେ ଆସିଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ଅଧିକାଂଶ ବାସଘର ଯୋଜନା, ରାସନ କାର୍ଡ, ପେନ୍ସନ, ପାନୀୟ ଜଳ, ରାସ୍ତାଘାଟ, ସ୍ୱଚ୍ଛତା ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ ଯୋଜନା ସମ୍ବନ୍ଧୀୟ ଥିଲା। ସମ୍ପୃକ୍ତ ଅଧିକାରୀମାନେ ପ୍ରତ୍ୟେକ ଅଭିଯୋଗର ଗୁରୁତ୍ୱକୁ ବିଚାର କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ ପାଇଁ ଆଶ୍ୱାସନ ଦେଇଥିଲେ। ଗ୍ରାମସ୍ତରରେ ଏଭଳି ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ ଦ୍ୱାରା ସାଧାରଣ ଲୋକମାନେ ସିଧାସଳଖ ପ୍ରଶାସନ ସହ ଯୋଗାଯୋଗ କରି ନିଜ ସମସ୍ୟା ଉପସ୍ଥାପନ କରିବାର ସୁଯୋଗ ପାଉଥିବାବେଳେ, ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସ ଓ ସମନ୍ୱୟ ଅଧିକ ସୁଦୃଢ଼ ହେଉଥିବା ମତ ପ୍ରକାଶ ପାଇଛି।

ବରିଷ୍ଠ ସାମ୍ବାଦିକ ପର୍ଶୁରାମ ମନ୍ତ୍ରୀଙ୍କ ପିତାଙ୍କ ପରଲୋକ

ଜଗତସିଂହପୁର,୬।୭ : ଏରସମା ବ୍ଲକର ବରିଷ୍ଠ ସାମ୍ବାଦିକ ପର୍ଶୁରାମ ମନ୍ତ୍ରୀଙ୍କ ପିତା ନିରଞ୍ଜନ ମନ୍ତ୍ରୀଙ୍କର ଗତ ୫ ଜୁଲାଇ ରାତି ପ୍ରାୟ ୮ଟା ସମୟରେ ନିଜ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗ ଖବର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ମୃତ୍ୟୁ ସମୟରେ ତାଙ୍କ ନିକଟରେ ତିନି ପୁତ୍ର, ପୁତ୍ରବଧୂ ଓ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ପରେ ଏରସମା ବ୍ଲକ ଅନ୍ତର୍ଗତ ସୋମପୁର ପଞ୍ଚାୟତର ଅଣଖିଆ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ନୃସିଂହ ଚରଣ ମନ୍ତ୍ରୀ ମୁଖାଗ୍ନି ପ୍ରଦାନ କରିଥିଲେ। ଶେଷକୃତ୍ୟ ବେଳେ ମଝିଆ ପୁତ୍ର ବାମନ ମନ୍ତ୍ରୀ, କନିଷ୍ଠ ପୁତ୍ର ତଥା ବରିଷ୍ଠ ସାମ୍ବାଦିକ ପର୍ଶୁରାମ ମନ୍ତ୍ରୀ, ନାତି ରାହୁଲ, ରୋସନ, ରୋହନ, ଭାଇ ନିତ୍ୟାନନ୍ଦ ମନ୍ତ୍ରୀ, ନିମାଇଁ ଚରଣ ମନ୍ତ୍ରୀ, ନିକୁଞ୍ଜ କିଶୋରୀ ମନ୍ତ୍ରୀଙ୍କ ସମେତ ପରିବାରର ସଦସ୍ୟ, ସମ୍ପର୍କୀୟ ଓ ଶୁଭେଚ୍ଛୁମାନେ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ନିରଞ୍ଜନ ମନ୍ତ୍ରୀ ଜଣେ ମିଷ୍ଟଭାଷୀ, ସରଳ ଓ ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାମ୍ବାଦିକ, ସାମାଜିକ କର୍ମୀ ଓ ସ୍ଥାନୀୟ ବାସିନ୍ଦା ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ସମସ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

ବିକାଶ ପଥେ ସଢ଼ା ଗ୍ରାମପଞ୍ଚାୟତ

- ପଞ୍ଚାୟତକୁ ସବୁଜିମା ଭରା ରଖିବା ପାଇଁ କରାଯାଇଛି ଚାରାରୋପଣ
- ଘରେ ପହଞ୍ଚି ବୃଦ୍ଧ, ବୃଦ୍ଧା ଓ ବିଧବା ମହିଳାଙ୍କୁ ବାଣ୍ଟୁଛନ୍ତି ଭତ୍ତା
- ଗାଁ ଗାଁ ରେ ଖୋଲାଯାଇଛି ଜଳଛତ୍ର

ହାଟଡିହି,୬।୭ : ପଞ୍ଚାୟତ ହେଉଛି ଗ୍ରାମାଞ୍ଚଳ ର ବିକାଶର ମୂଳଦୁଆ।ଗ୍ରାମାଞ୍ଚଳ ର ବିକାଶ ହେଲେ ଦେଶର ବିକାଶ ହୋଇଥାଏ।ସରକାରୀ ଯୋଜନାରୁ ସିଧାସଳଖ ଗାଁ ରେ ପହଞ୍ଚାଇବା, ମୌଳିକ ସୁବିଧା ଯୋଗାଇଦେବା ଏବଂ ଗ୍ରାମାଞ୍ଚଳ ର ସାମଗ୍ରିକ ଅଭିବୃଦ୍ଧି ରେ ପଞ୍ଚାୟତ ର ଭୂମିକା ଗୁରୁତ୍ୱପୂର୍ଣ୍ଣ। କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ସଢ଼ା ଗ୍ରାମ ପଞ୍ଚାୟତ ର ସରପଞ୍ଚ ସାଗରିକା ଜେନା ଙ୍କ ଦୃଢ଼ ନେତୃତ୍ୱ ଓ ସହଯୋଗରେ ଗାଁର ରାସ୍ତାଘାଟ ନିର୍ମାଣ ,ପାନୀୟ ଜଳ ଯୋଗାଣ,ବିଦ୍ୟୁତ୍ କରଣ ଏବଂ ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତୋଦର୍ୟୋୟ ଗୃହ ଯୋଜନା ରେ ହିତାଧିକାରୀଙ୍କୁ ଗୃହ ଯୋଗାଇ ଦେଇଛନ୍ତି। ସରକାରୀ ଯୋଜନାକୁ ସଫଳ କରାଇବା ଏବଂ ଗ୍ରାମାଞ୍ଚଳ ର ଭିତ୍ତିଭୂମିକୁ ମଜଭୁତ୍ କରିବାରେ ସରପଞ୍ଚଙ୍କ ଭୂମିକା ଅତୁଳନୀୟ। ସ୍ୱଚ୍ଛଭାରତ ଅଭିଯାନ ମାଧ୍ୟମରେ ଏସ ଏସ ଜି ଗ୍ରୁପ ର ମହିଳାମାନଙ୍କୁ ସ୍ୱାବଲମ୍ବି କରିବା ସହ ଗାଁ କୁ ପରିଷ୍କାର ରଖିବା ଏବଂ ବର୍ଜ୍ୟବସ୍ତୁ ପରିଚାଳନା କରାଯାଉଛି। ପଞ୍ଚାୟତକୁ ସବୁଜିମା ଭରା ରଖିବା ପାଇଁ ଚାରାରୋପଣ ମଧ୍ୟ କରାଯାଇଛି। ବୃଦ୍ଧ, ବୃଦ୍ଧା ଓ ବିଧବା ମହିଳା ମାନଙ୍କୁ ଗାଁ ଗାଁ ବୁଲି ହିତାଧୀକାରୀ ଙ୍କ ଘର ପାଖରେ ପହଞ୍ଚି ଭତ୍ତା ଟଙ୍କା ପ୍ରଦାନ କରୁଛନ୍ତି ସରପଞ୍ଚ ସାଗରିକା ଜେନା। ପଞ୍ଚାୟତ ରେ ସ୍ୱଚ୍ଛ ଭାରତ ମିଶନ ଓ ପରିମଳ ବ୍ୟବସ୍ଥା କୁ ସୁଦୃଢ଼ କରିଛନ୍ତି।ଗାଁ ପରିମଳ ପୋଖରୀ ତୁଠ ରୁ ବାସିଥାଏ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ହାଟଡିହି ବ୍ଲକ ର ସଢ଼ା ପଞ୍ଚାୟତ ରେ।

ଗୀତାଞ୍ଜଳି ପିସ୍ ଫାଉଣ୍ଡେସନ ପକ୍ଷରୁ ୪୦ ବୃଦ୍ଧଙ୍କୁ ବାବା ଆଖଣ୍ଡଳମଣିଙ୍କ ଦର୍ଶନ

ବାଲେଶ୍ୱର,୬।୭ : ଗୀତାଞ୍ଜଳି ପିସ୍ ଫାଉଣ୍ଡେସନ ପକ୍ଷରୁ ଅମୃତଧାରା ବୃଦ୍ଧାଶ୍ରମର ୪୦ ଜଣ ଅନ୍ତେବାସୀଙ୍କୁ ଭଦ୍ରକ ଜିଲ୍ଲାର ଆରଡ଼ିସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ପବିତ୍ର ଦର୍ଶନ କରାଯାଇଛି। ସମାଜସେବା ଓ ବୃଦ୍ଧମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଆୟୋଜିତ ଏହି ଆଧ୍ୟାତ୍ମିକ ଯାତ୍ରାରେ ସମସ୍ତ ବୃଦ୍ଧଙ୍କ ପାଇଁ ସୁରକ୍ଷିତ ଯାତାୟାତ, ଭୋଜନ, ପାନୀୟ ଜଳ ସମେତ ଆବଶ୍ୟକ ସୁବିଧାର ବ୍ୟବସ୍ଥା କରାଯାଇଥିଲା।ଦର୍ଶନ ପରେ ବୃଦ୍ଧମାନଙ୍କ ସହ ସଂସ୍ଥାର ସଦସ୍ୟମାନେ ଆତ୍ମୀୟତାର ସହ ସମୟ ବିତାଇଥିଲେ। ଏହି ଯାତ୍ରା ବୃଦ୍ଧମାନଙ୍କ ମନରେ ଆନନ୍ଦ ଓ ଆଧ୍ୟାତ୍ମିକ ଶାନ୍ତି ସୃଷ୍ଟି କରିଥିବା ଜଣାପଡ଼ିଛି।କାର୍ଯ୍ୟକ୍ରମକୁ ସଫଳ କରିବାରେ ଅମୃତଧାରା ବୃଦ୍ଧାଶ୍ରମର ପ୍ରତିଷ୍ଠାତା ଡ଼. ସରୋଜ କୁମାର ମହାପାତ୍ର ଓ ତାଙ୍କ ଦଳର ସହଯୋଗ ଉଲ୍ଲେଖନୀୟ ଥିଲା। ସଂସ୍ଥା ପକ୍ଷରୁ ସେମାନଙ୍କୁ କୃତଜ୍ଞତା ଜଣାଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଏସ୍. ଗୀତାଞ୍ଜଳି କହିଛନ୍ତି, ବୃଦ୍ଧମାନଙ୍କୁ ସମ୍ମାନ, ସ୍ନେହ ଓ ଆଧ୍ୟାତ୍ମିକ ଆନନ୍ଦ ପ୍ରଦାନ କରିବା ହିଁ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଆଗାମୀ ଦିନରେ ମଧ୍ୟ ବୃଦ୍ଧ, ଅସହାୟ ଓ ଆବଶ୍ୟକତାସମ୍ପନ୍ନ ଲୋକଙ୍କ ପାଇଁ ଏଭଳି ସେବାମୂଳକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି।

ସାଉଡି ପଞ୍ଚାୟତ ଅଫିସ ତାଲା ଭାଙ୍ଗି ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଆସବାବପତ୍ର ଲୁଟି ନେଲେ ଦୁର୍ବୃତ୍ତ

ବସ୍ତା,୬।୭ : ସିଂଲା ଥାନା ଅନ୍ତର୍ଗତ ସାଉଡି ପଞ୍ଚାୟତ କାର୍ଯ୍ୟାଳୟର ତାଲା ଭାଙ୍ଗି ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଜିନିଷ ପତ୍ର ଦୁର୍ବୃତ୍ତ ଲୁଟି ନେଇଛନ୍ତି।ପ୍ରକାଶ ଥାଉ କି ଯେ, ପ୍ରତ୍ୟେକ ଦିନ ପରି ସାଉଡି ସରପଞ୍ଚ ଧରଣୀଧର ମଲ୍ଲିକ ଏବଂ ପଞ୍ଚାୟତ ପିଇଓ ଗୌରାଙ୍ଗ ଚରଣ ମାଝୀ ପଞ୍ଚାୟତ ଅଫିସ କାର୍ଯ୍ୟ ସାରି ସନ୍ଧ୍ୟା ସମୟରେ ଅଫିସ ବନ୍ଦ କରି ଘରକୁ ଫେରିଥିଲେ। ତହିଁ ପରଦିନ ସକାଳେ ଖବର ପାଇ ସରପଞ୍ଚ ଅଫିସ ପହଞ୍ଚି ଦେଖିଲା ବେଳକୁ ତାଲା ଭାଙ୍ଗି ଅଫିସରେ ଥିବା ୟୁପିଏସ, ଇନଭେଟର, କମ୍ପ୍ୟୁଟର,ଗଡରେଜ,ଟିଭି ପରଭୃତି ବହୁ ଦାମି ଜିନିଷ ପତ୍ର ଦୁର୍ବୃତ୍ତ ମାନେ ଚୋରି କରି ନେବା ସହ ବହୁ ଦରକାରୀ କାଗଜପତ୍ର ନଷ୍ଟ କରିଦେଇଛନ୍ତି। ସରପଞ୍ଚ ବିଡିଓ ରାଧା ରଞ୍ଜନ ଦାଶ ଏବଂ ନିକଟସ୍ଥ ସାର୍ଥା ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଫାଣ୍ଡି ଅଧିକାରୀ ଦୀପକ କୁମାର ଦାସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇ ଥିବା ଜଣାପଡିଛି।

ଜିଲ୍ଲାପାଳ-ଏସ୍‌ପିଙ୍କ ମିଳିତ ଜନଶୁଣାଣି
୨୧୫ ଅଭିଯୋଗ, ୩୯ ତତ୍କାଳ ସମାଧାନ

ବାଲେଶ୍ୱର, ୬।୭ : ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସୋମବାର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ ୨୧୫ ଜଣ ଅଭିଯୋଗକାରୀ ନିଜ ଅଭିଯୋଗ ଉପସ୍ଥାପନ କରିଥିଲେ।ପ୍ରାପ୍ତ ଅଭିଯୋଗ ମଧ୍ୟରୁ ୧୭୪ଟି ବ୍ୟକ୍ତିଗତ, ୧୦ଟି ସାମୂହିକ ଅଭିଯୋଗ ଥିବାବେଳେ ୩୧ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ସମ୍ପର୍କିତ ଆବେଦନ ଥିଲା। ସମସ୍ତ ଅଭିଯୋଗର ଶୁଣାଣୀ କରାଯାଇ ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେଥିମଧ୍ୟରୁ ୩୯ଟି ଅଭିଯୋଗର ଘଟଣାସ୍ଥଳରେ ତତ୍କାଳ ସମାଧାନ କରାଯାଇଥିଲା।ଜନଶୁଣାଣୀରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଉପଜିଲ୍ଲାପାଳ ଶିବ ମାଳବ୍ୟ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ. ଦିଲ୍ଲୀପ କୁମାର ଜେନା, ସଦର ବିଡିଓ ଉତ୍ତମ କୁମାର ଜେନା, ସଦର ତହସିଲଦାର ଅନିଲ କୁମାର ମହାନ୍ତି, ବାଲେଶ୍ୱର ପୌରପାଳିକାର ନିର୍ବାହୀ ଅଧିକାରୀ ଶିରୀୟାଲ ଶୁଭ୍ର ପଟେଲଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ବିକାଶର ବଡ଼ ବଡ଼ ଦାବି, ବାସ୍ତବରେ ମରଣଯନ୍ତା ରାସ୍ତା
ଆର୍ ଆଣ୍ଡ ବି ବିଭାଗର ଚରମ ଅବହେଳା
ଲୋକଙ୍କ ଦୁଃଖ ବୁଝିଲେ ଘରୋଇ ବିଲ୍ଡର

ଫୁଲନଖରା,୬।୭ : କଟକ ଆର୍ ଆଣ୍ଡ ବି ବିଭାଗ ଅଧୀନସ୍ଥ ମହୀଧରପଡ଼ା-ଗୋବିନ୍ଦପୁର ମୁଖ୍ୟ ରାସ୍ତାର ଅବସ୍ଥା ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ ଓ ମରଣଯନ୍ତା ପାଲଟିଛି। ବିଶେଷ କରି ତ୍ରିନାଥ ବଜାରରୁ ନଗରୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ପ୍ରତିଦିନ ହଜାର ହଜାର ଯାତ୍ରୀ, ସ୍ଥାନୀୟ ବାସିନ୍ଦା, ଛାତ୍ରଛାତ୍ରୀ ଓ ଗାଡ଼ି ଚାଳକ ନିଜ ଜୀବନକୁ ବାଜି ଲଗାଇ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ରାସ୍ତାର ଦୁରବସ୍ଥାକୁ ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କେବଳ 'ଖୁବ ଶୀଘ୍ର ଟେଣ୍ଡର ପ୍ରକ୍ରିୟା ସରିବ, କାମ ଆରମ୍ଭ ହେବ' ବୋଲି ପ୍ରତିଶ୍ରୁତି ଦେଇ ଦାୟିତ୍ୱ ସାରି ଦେଉଛନ୍ତି। ବାସ୍ତବରେ ସେହି ପ୍ରତିଶ୍ରୁତି କାଗଜକଲମରେ ସୀମିତ ରହିଥିବା ବେଳେ ରାସ୍ତାର ଅବସ୍ଥା ଦିନକୁ ଦିନ ଆହୁରି ଭୟଙ୍କର ହେବାରେ ଲାଗିଛି। ଲୋକଙ୍କ ଜୀବନ ପ୍ରତି ବିଭାଗର ଏଭଳି ଉଦାସୀନ ମନୋଭାବକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଖଣ୍ଡାଗର ବଜାର, ଚମାରସାହି ପୋଲ ନିକଟ ଓ ମହୀଧରପଡ଼ା ସ୍କୁଲ ଛକ ପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ରାସ୍ତା ମଝିରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷା ପାଣିରେ ସେହି ଗର୍ତ୍ତଗୁଡ଼ିକ ଲୁଚି ରହୁଥିବାରୁ ପ୍ରତିଦିନ ଦୁଇଚକିଆ ଓ ଚାରିଚକିଆ ଯାନ ଦୁର୍ଘଟଣାରେ ପଡୁଛି। ଅନେକ ଲୋକ ଆହତ ହେଉଥିବା ସତ୍ତ୍ୱେ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଆଶ୍ଚର୍ଯ୍ୟର କଥା, ଯେଉଁ କାମ ସରକାରୀ ବିଭାଗର କରିବା କଥା, ସେହି କାମକୁ ଏକ ସ୍ଥାନୀୟ ଘରୋଇ ବିଲ୍ଡର ନିଜ ସାମାଜିକ ଦାୟିତ୍ୱବୋଧରୁ ଆଗକୁ ଆସି କରିଛନ୍ତି। ସ୍ଥାନୀୟ ଲୋକଙ୍କ ଦୁଃଖ ଓ ଅସୁବିଧାକୁ ହୃଦୟଙ୍ଗମ କରି ସେ ନିଜସ୍ୱ ଖର୍ଚ୍ଚରେ ଡଷ୍ଟ ଆଣି ରାସ୍ତାର ଖାଲଖମା ପୋତି ଅସ୍ଥାୟୀ ଭାବେ ରାସ୍ତାକୁ ଯାତାୟାତ ଉପଯୋଗୀ କରିଛନ୍ତି। ଏହି ମାନବିକ ପଦକ୍ଷେପକୁ ସ୍ଥାନୀୟ ବାସିନ୍ଦା, ବାଟୋଇ ଓ ବୁଦ୍ଧିଜୀବୀ ମହଲରେ ଭୂୟସୀ ପ୍ରଶଂସା କରାଯାଉଛି। ଅନ୍ୟପଟେ, ରାଜ୍ୟ ସରକାର 'ବିକଶିତ ଓଡ଼ିଶା'ର ସ୍ଲୋଗାନ ଦେଇ ବିଭିନ୍ନ କାର୍ଯ୍ୟକ୍ରମ ଓ ଉତ୍ସବ ପାଳନରେ ବ୍ୟସ୍ତ ଥିବା ବେଳେ ରାଜଧାନୀ ଉପକଣ୍ଠର ଏହି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମହୀଧରପଡ଼ା-ଗୋବିନ୍ଦପୁର ରାସ୍ତା ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ଅବହେଳିତ ହୋଇ ପଡ଼ିରହିଛି। ଏହା ସରକାରଙ୍କ ବିକାଶ ଦାବି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଭିଯୋଗ ଯେ, ରାସ୍ତାର ଦୁରବସ୍ଥା ନେଇ ବହୁବାର ପ୍ରଶାସନ ଓ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଫଳ ଶୂନ। ଯଦି ଆଗାମୀ ଦିନରେ ଏହି ରାସ୍ତାରେ କୌଣସି ବଡ଼ ଦୁର୍ଘଟଣା ଘଟେ, ତେବେ ତାହା ପାଇଁ ସମ୍ପୂର୍ଣ୍ଣ ଭାବେ କଟକ ଆର୍ ଆଣ୍ଡ ବି ବିଭାଗ ଓ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀମାନେ ଦାୟୀ ରହିବେ। ଏବେ ସ୍ଥାନୀୟ ଲୋକଙ୍କ ଦାବି ହେଉଛି, କେବଳ ଆଶ୍ୱାସନ ନୁହେଁ, ଅବିଳମ୍ବେ ଟେଣ୍ଡର ପ୍ରକ୍ରିୟା ଶେଷ କରି ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ ରାସ୍ତାର ସ୍ଥାୟୀ ମରାମତି କରାଯାଉ। ନଚେତ୍ ଆଗାମୀ ଦିନରେ ଜନଆନ୍ଦୋଳନ ତୀବ୍ର ହେବା ସହ ଦୁର୍ଘଟଣାର ଦାୟିତ୍ୱରୁ ସରକାର ଓ ବିଭାଗ କେବେ ବି ମୁକ୍ତି ପାଇପାରିବେ ନାହିଁ।

ଗୋଦାମ ସମ୍ମୁଖରେ ବିପଦସଙ୍କୁଳ ସେଡ୍

ଦୁର୍ଘଟଣା ପୂର୍ବରୁ ସଜାଗ ହେବ କି ପ୍ରଶାସନ ?

ବାଲେଶ୍ୱର,୬।୭ : ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଜିଲ୍ଲାସ୍ତରୀୟ EVM ଓ VVPAT ସଂରକ୍ଷଣ ଗୋଦାମ ସମ୍ମୁଖରେ ନିର୍ମିତ ଲୋଡିଂ–ଅନଲୋଡିଂ ସେଡ୍ ଏବେ ଅବହେଳାର ଚିତ୍ର ପାଲଟିଛି। ନିର୍ବାଚନ ସମୟରେ EVM ଓ VVPAT ମେସିନ୍ ଗାଡ଼ିରୁ ଓହ୍ଲାଇବା ଓ ଉଠାଇବା ପାଇଁ ବ୍ୟବହୃତ ଏହି ସେଡ୍‌ର ଲୁହା ଖୁମ୍ବଗୁଡ଼ିକର ତଳ ଅଂଶରେ ବ୍ୟାପକ କଳଙ୍କ ଧରିବା ସହ ଅନେକ ସ୍ଥାନରେ ଲୁହା କ୍ଷୟ ହୋଇଯାଇଥିବା ଦେଖିବାକୁ ମିଳିଛି। କେତେକ ସ୍ଥାନରେ ଖୁମ୍ବର ତଳ ଭାଗ ଫାଟିଯାଇଥିବା ଭଳି ମଧ୍ୟ ନଜରକୁ ଆସିଛି। ପ୍ରତିଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଶହ ଶହ ଲୋକ ବିଭିନ୍ନ କାମରେ ଆସୁଥିବା ବେଳେ ଏହି ସେଡ୍ ତଳ ଦେଇ ଲୋକଙ୍କ ଯାତାୟାତ ମଧ୍ୟ ଲାଗି ରହିଥାଏ। ଏପରି ପରିସ୍ଥିତିରେ ସେଡ୍‌ର ଜରାଜୀର୍ଣ୍ଣ ଅବସ୍ଥାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଦୁର୍ଘଟଣା ଆଶଙ୍କା ପ୍ରକାଶ ପାଇଛି। ଏତେ ଗୁରୁତ୍ୱପୂର୍ଣ୍ଣ ସରକାରୀ ସ୍ଥାନରେ ଥିବା ଏହି ଭିତ୍ତିଭୂମିର ରକ୍ଷଣାବେକ୍ଷଣ ପ୍ରତି ସମ୍ପୃକ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନର ଉଦାସୀନତା ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ସ୍ଥାନୀୟ ଲୋକଙ୍କ କହିବା କଥା, ବର୍ଷ ବର୍ଷ ଧରି ଲୁହା ଖୁମ୍ବରେ କଳଙ୍କ ଲାଗି ରହିଥିଲେ ମଧ୍ୟ ଏହାର ମରାମତି କିମ୍ବା ସୁଦୃଢ଼ୀକରଣ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ବର୍ଷା ଦିନରେ ପରିସ୍ଥିତି ଆହୁରି ବିପଦସଙ୍କୁଳ ହେବାର ଆଶଙ୍କା ରହିଛି। ତେଣୁ ଜନସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ତୁରନ୍ତ ସେଡ୍‌ର ବୈଷୟିକ ଯାଞ୍ଚ କରାଇ ଆବଶ୍ୟକ ମରାମତି କିମ୍ବା ପୁନଃନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଓ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ଦାବି କରିଛନ୍ତି। ଦୁର୍ଘଟଣା ଘଟିବା ପୂର୍ବରୁ ପ୍ରଶାସନ ଏହି ପ୍ରସଙ୍ଗରେ ତତ୍ପରତା ଦେଖାଇବ ବୋଲି ସମସ୍ତଙ୍କ ଆଶା।

ହମିଦ ହତ୍ୟାକାଣ୍ଡ: ୧୨ ଦିନ ପରେ ବି ଅନ୍ଧାରରେ ତଦନ୍ତ

- ମାଷ୍ଟରମାଇଣ୍ଡ କିଏ ? ରହସ୍ୟ ଉପରୁ ହଟୁନି ପରଦା
- ହତ୍ୟାର ଉଦ୍ଦେଶ୍ୟ ଅସ୍ପଷ୍ଟ, ପୁଲିସ ମୁହଁ ଖୋଲୁନି
- ୧୨ ଦିନ ପରେ ବି ଅଭିଯୁକ୍ତଙ୍କ ପତ୍ତା ନାହିଁ

ବାଲେଶ୍ୱର,୬।୭ : ବହୁଚର୍ଚ୍ଚିତ ବ୍ୟବସାୟୀ ଏସ୍. କେ. ହମିଦଙ୍କ ହତ୍ୟାକାଣ୍ଡକୁ ୧୨ ଦିନ ବିତିଯାଇଥିଲେ ମଧ୍ୟ ମାମଲାରେ ପୁଲିସ କୌଣସି ବଡ଼ ସଫଳତା ପାଇନଥିବାରୁ ତଦନ୍ତର ଅଗ୍ରଗତିକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଦିନଦ୍ୱିପହରେ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଦୁଇ ଦୁର୍ବୃତ୍ତ ହମିଦଙ୍କୁ ଲକ୍ଷ୍ୟ କରି ୮ ରାଉଣ୍ଡ ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ଘଟଣା ଏତେଦିନ ବିତିଥିଲେ ମଧ୍ୟ ଅଭିଯୁକ୍ତଙ୍କ ପରିଚୟ, ହତ୍ୟାର ଉଦ୍ଦେଶ୍ୟ ଏବଂ ଷଡ଼ଯନ୍ତ୍ରର ମୂଳ ସୂତ୍ରଧରଙ୍କ ସମ୍ପର୍କରେ ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଘଟଣା ପରେ ପୁଲିସ ପକ୍ଷରୁ ତଦନ୍ତକୁ ନେଇ ବିଭିନ୍ନ ଦାବି କରାଯାଇଥିଲେ ମଧ୍ୟ ବାସ୍ତବରେ ତାହାର ଦୃଶ୍ୟମାନ ପ୍ରଗତି ଦେଖିବାକୁ ମିଳୁନାହିଁ। ଫଳରେ ସହଦେବଖୁଣ୍ଟା ପୁଲିସର ତଦନ୍ତ ଦକ୍ଷତା, କାର୍ଯ୍ୟଶୈଳୀ ଓ କାର୍ଯ୍ୟକ୍ଷମତାକୁ ନେଇ ଲୋକଙ୍କ ମଧ୍ୟରେ ସନ୍ଦେହ ଓ ପ୍ରଶ୍ନ ବଢ଼ିବାରେ ଲାଗିଛି। ଏପଟେ ଘଟଣାକୁ ନେଇ ସହରରେ ବିଭିନ୍ନ ଚର୍ଚ୍ଚା ଜୋର ଧରିଛି। ହତ୍ୟାକାଣ୍ଡର କାରଣକୁ ନେଇ ନାନା ପ୍ରକାରର ଅନୁମାନ ଓ ଆଲୋଚନା ହେଉଥିବାବେଳେ, ସେଗୁଡ଼ିକର କୌଣସିଟି ସମ୍ପର୍କରେ ପୁଲିସ ପକ୍ଷରୁ ଏପର୍ଯ୍ୟନ୍ତ ସରକାରୀ ଭାବେ ପୁଷ୍ଟି କରାଯାଇନାହିଁ। ହତ୍ୟା ପୂର୍ବରୁ ହମିଦ ବାଲେଶ୍ୱର ଜେଲ୍ ?କୁ କାହିଁକି ଯାଇଥିଲେ, କାହାକୁ ଭେଟିଥିଲେ ଏବଂ ସେହି ଦିଗରେ ତଦନ୍ତ କେତେ ଆଗକୁ ବଢ଼ିଛି, ସେ ସମ୍ପର୍କରେ ମଧ୍ୟ ପୁଲିସ ନିରବ ରହିଛି। ଉଲ୍ଲେଖଯୋଗ୍ୟ, ଜୁନ୍ ୨୫ ତାରିଖରେ ବାଲେଶ୍ୱର ଅରଡ଼ବଜାର ଅଞ୍ଚଳରେ ଦିନଦ୍ୱିପହରେ ଦୁଇ ଦୁର୍ବୃତ୍ତ ହମିଦଙ୍କ ଉପରେ ୮ ରାଉଣ୍ଡ ଗୁଳି ଚଳାଇଥିଲେ। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ନିଆଯାଇଥିଲେ ମଧ୍ୟ ସେ ପ୍ରାଣ ହରାଇଥିଲେ। ଘଟଣା ପରେ ସାରା ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା। ଏହି ସମ୍ବେଦନଶୀଳ ହତ୍ୟାକାଣ୍ଡରେ ଏତେଦିନ ବିତିଯାଇଥିଲେ ମଧ୍ୟ ତଦନ୍ତରେ ଉଲ୍ଲେଖନୀୟ ସଫଳତା ନ ମିଳିବା ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରାଧୀମାନେ ଯଦି ଦୀର୍ଘ ସମୟ ଧରି ଆଇନର ଆଖିକୁ ଧୂଳି ଦେଇ ଖସି ବୁଲୁଛନ୍ତି, ତେବେ ଆଇନଶୃଙ୍ଖଳା ବ୍ୟବସ୍ଥାର କାର୍ଯ୍ୟକ୍ଷମତାକୁ ନେଇ ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ।ବର୍ତ୍ତମାନ ସମସ୍ତଙ୍କ ନଜର ପୁଲିସର ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି। ତଦନ୍ତ ସଠିକ୍ ଦିଗରେ ଆଗେଇ ପ୍ରକୃତ ଅଭିଯୁକ୍ତମାନଙ୍କୁ ଧରିବାରେ ପୁଲିସ ସଫଳ ହେବ କି, ନା ଏହି ଚର୍ଚ୍ଚିତ ହତ୍ୟାକାଣ୍ଡ ମଧ୍ୟ ଅନ୍ୟ ଅମିମାଂସିତ ମାମଲା ଭଳି ଫାଇଲ୍ ?ରେ ସୀମିତ ରହିଯିବ ତାହାକୁ ନେଇ ସାଧାରଣ ଲୋକଙ୍କ ଅପେକ୍ଷା ବଢୁଛି।

ବିଭୂତି ଭୂଷଣଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ବଣାଇଁ,୬।୭ : ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ସ୍ଥିତ ଭେଷଜ ପଟେଲ ମହାବିଦ୍ୟାଳୟର ଠାରେ ଅଧକ୍ଷ ବିଶ୍ୱଜିତ ହୋତାଙ୍କ ସଭାପତିତ୍ୱରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଦର୍ଶନ ଶାସ୍ତ୍ରର ପ୍ରଧାପକ ବିଭୂତି ଭୂଷଣ ମିଶ୍ର ଗତ ଜୁନ୍ ୩୦ ତାରିଖ ଦିନ ତାଙ୍କର କାର୍ଯ୍ୟକାଳ ସମାପ୍ତ ହୋଇଥିବା ବେଳେ ଶ୍ରୀ ମିଶ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଶ୍ରୀ ମିଶ୍ରଙ୍କ ମହାବିଦ୍ୟାଳୟ ପ୍ରତି ଥିବା ଅବଦାନ ଓ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଗଠନରେ ବିଶେଷ ଭୂମିକା ରହିଥିବାର ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ ମାନେ କହିଥିଲେ। ଏହି ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ଶୀ ମିଶ୍ରଙ୍କ ପରିବାରର ସମସ୍ତ ସଦସ୍ୟ, ଛାତ୍ରଛାତ୍ରୀ ଓ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

ସ୍ଥାପିତ ଏଲଇଡ଼ି ଟିଭି ବିପର୍ଯ୍ୟସ୍ତ ଅବସ୍ଥା

କୋଟପାଡ଼,୬।୭ : କୋଟପାଡ଼ ଅଞ୍ଚଳର ହାର୍ଟ ଅଫ ଦା ପିସ ହେଉଛି ଗାନ୍ଧୀ ଛକ, ଆପଣମାନେ ଦେଖିଥିବେ ସହରର ଗାନ୍ଧୀଛକ ନିକଟରେ କୋଟପାଡ଼ ଏନ.ଏ.ସି ଓ ପ୍ରଶାସନ ପକ୍ଷରୁ ସ୍ଥାପିତ କରାଯାଇଥିଲା ଲକ୍ଷାଧିକ ଟଙ୍କା ବ୍ୟୟରେ ସ୍ଥାପିତ ହୋଇଥିଲା ଏଲ.ଇ.ଡ଼ି ସ୍କିନ ଟିଭି, ପ୍ରାୟ ୨ ବର୍ଷ ହେବ ଅଚଳ ଅବସ୍ଥାରେ ପଡ଼ିରହିଛି,ଏହି ଏଲ.ଇ.ଡ଼ି ସ୍କିନ ଟିଭି ସ୍ଥାପନ ହୋଇଛି ସତ କିନ୍ତୁ କୌଣସି ସରକାରୀ କାର୍ଯ୍ୟରେ ଆଉ ଉପକୃତ ହେଉନାହିଁ, ବିଗତ ଦିନରେ କୋଟପାଡ଼ ଅଞ୍ଚଳର ପ୍ରସିଦ୍ଧ ଘଟଯାତ୍ରା ଅନୁଷ୍ଠିତ ହୋଇଥିଲା କିନ୍ତୁ ସେତେବେଳେ ମଧ୍ୟ ଏହି ଏଲ.ଇ.ଡ଼ି ସ୍କିନ ଟିଭିର ମରାମତି ପାଇଁ କୌଣସି ପଦକ୍ଷେପ ମଧ୍ୟ ନିଆଯାଇନଥିଲା, ବର୍ତ୍ତମାନ ପରିସ୍ଥିତିରେ ସ୍ୱତନ୍ତ୍ର କରି କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କାର୍ଯ୍ୟକ୍ଷମ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି,କୋଟପାଡ଼ ଅଞ୍ଚଳ ବାସୀଙ୍କ କହିବା ଅନୁସାରେ ଏହି ଏଲ.ଇ.ଡ଼ି ସ୍କିନ ଟିଭି ମାଧ୍ୟମରେ ସରକାରୀ ସୂଚନା,ସାମାଜିକ ବାର୍ତ୍ତା ଓ ବିଭିନ୍ନ ଜନହିତକର,ସଚେତନତା ବାର୍ତ୍ତା, କ୍ରିକେଟ ମ୍ୟାଚ ପ୍ରସାରଣ କରାଯିବାର ଉଦ୍ଦେଶ୍ୟ ଥିଲା ଓ ଅଞ୍ଚଳ ବାସୀ ଉପକୃତ ମଧ୍ୟ ହେଉଥିଲେ କିନ୍ତୁ ଦୀର୍ଘଦିନ ଧରି ଏହା ଅଚଳ ଥିବାରୁ ସମସ୍ତ ଜନସାଧାରଣ ମାନେ ଏହାର ସୁବିଧାରୁ ବଞ୍ଚିତ ହେଉଛନ୍ତି,ଏହି ପ୍ରସଙ୍ଗରେ କୋଟପାଡ଼ର ବୁଦ୍ଧିଜିବି ମାନଙ୍କ କହିବା ଅନୁଯାଇ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦରେ ସ୍ଥାପିତ ହୋଇଥିବା ଏହି ଏଲ.ଇ.ଡ଼ି ସ୍କିନ ଟିଭି କାହା ସ୍ୱାର୍ଥରେ ବୋଲି ପ୍ରଶ୍ନବାଚୀ କରୁଥିବାର ଦେଖିବାକୁ ମିଳିଛି,ବିଶେଷ କରି ଆଗକୁ ପ୍ରସିଦ୍ଧ ରଥଯାତ୍ରା ଥିବାରୁ ଏହି ବିପର୍ଯ୍ୟସ୍ତ ଥିବା ଏଲ.ଇ.ଡ଼ି ସ୍କିନ ଟିଭି ମରାମତି କରିବା ସହିତ କାର୍ଯ୍ୟକ୍ଷମ ହେଲେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳବାସୀ ଜନସାଧାରଣମାନେ ଉପକୃତ ହେଇଥାନ୍ତେ ବୋଲି ବିଭିନ୍ନ ବୁଦ୍ଧିଜିବି ମୋହଲରେ ଚର୍ଚ୍ଚା ହେଉଥିବାର ଦେଖିବାକୁ ମିଳିଛି ଓ ସେମାନେ ପ୍ରଶାସନକୁ ମଧ୍ୟ ଅନୁରୋଧ କରିଥିବାର ନଜର ଆସିଥିଲା।

ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ବଣାଇଁ,୬।୭ : ସୁନ୍ଦରଗଡ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ କାର୍ଯ୍ୟାଳୟ ପରିସର ସ୍ଥିତ ପଂଚାୟତ ସମିତି ସଭାକକ୍ଷ ରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ସୁନ୍ଦରଗଡ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌରଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୬୩ ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା ।ସେଥି ମଧ୍ୟରୁ ୩୫ ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨୮ଟି ସାମୁହିକ ଅଭିଯୋଗ ରହିଥିଲା। ଏଥି ମଧ୍ୟରୁ ୧୨ଗୋଟି ଅଭିଯୋଗ ର ତତ୍ କ୍ଷଣାତ ସମାଧାନ କରାଯାଇଥିଲା।ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆର୍ଥିକ ସହାୟତା ପାଇଁ ୧୨ ଜଣ ବ୍ୟକ୍ତି ଆବେଦନ କରିଥିଲେ । ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଂଜନ ସାହୁ, ଉପଜିଲ୍ଲାପାଳ ସଦର ତେଜସ୍ୱୀନି ବେହେରା, ସିଡିଏମ୍ ଓ ଡାକ୍ତର ସୁରେଶ ଚନ୍ଦ୍ର ମହାନ୍ତି , ଗୋଷ୍ଠି ଉନ୍ନୟନ ଅଧିକାରୀ ଅତସୀ ପରିଡ଼ା ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ବନମହୋତ୍ସବ ସପ୍ତାହ ପାଳିତ

ବେଗୁନିଆପଡ,୬।୭ : ସୋମବାର ଦିନ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ, କୋଦଳାରେ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ଭାରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀମତୀ ରଞ୍ଜୁବାଳା ନନ୍ଦ, ପୋଲସରା ଉପଖଣ୍ଡ ବନପାଳ ସୁବ୍ରତ ତ୍ରିପାଠୀ, ଅବିନାଶ କହଁର ଏବଂ ତାଙ୍କ ସହକର୍ମୀ ସୁନୀଲ ମୁନି, ଏକାଡେମିକ ଅଧିକାରୀ ଶ୍ରୀ ବିନୋଦ କୁମାର ମିଶ୍ର ଏବଂ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣ ଶିକ୍ଷକ କର୍ମଚାରୀ, ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍, ଜାତୀୟ ସମରଶିକ୍ଷାର୍ଥୀ ବାହିନୀ , ଅମ ଗୌରବ ଆମ କଲେଜ ସମସ୍ତ ସ୍ୱେଚ୍ଛାସେବୀ ଙ୍କ ଦ୍ୱାରା ୭୪ ଟି ଚାରା ମହାବିଦ୍ୟାଳୟ ପରିସରରେ ରୋପଣ କରାଗଲା। ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇଥିଲା ।

ଚିଠା ଭୋଟର ତାଲିକା ପ୍ରକାଶିତ
ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି-ଆପତ୍ତି ଗ୍ରହଣ

ବାଲେଶ୍ୱର,୬।୭ : ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅନ୍ତର୍ଗତ ବାଲେଶ୍ୱର ଜିଲ୍ଲାର ଚିଠା ଭୋଟର ତାଲିକା ଶନିବାର ସନ୍ଧ୍ୟାରେ ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ସର୍ବଦଳୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଚିଠା ଭୋଟର ତାଲିକାର ଉନ୍ମୋଚନ କରିଥିଲେ।ବୈଠକରେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ସଭାପତି, ସମ୍ପାଦକ ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ସ୍ୱଚ୍ଛ, ନିର୍ଭୁଲ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତିରେ ସମସ୍ତଙ୍କ ସହଯୋଗ କାମନା କରିବା ସହ ରାଜନୈତିକ ଦଳଗୁଡ଼ିକୁ ଚିଠା ଭୋଟର ତାଲିକାର ହାର୍ଡ କପି ପ୍ରଦାନ କରିଥିଲେ।ଜିଲ୍ଲା ନିର୍ବାଚନ ବିଭାଗ ସୂଚନା ଅନୁଯାୟୀ, ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନଙ୍କ ଘରକୁ ଘର ସର୍ଭେ ଆଧାରରେ ନୂତନ ଭୋଟରଙ୍କ ନାମ ସାମିଲ କରାଯାଇଥିବା ବେଳେ ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ ଦେଇ ଏହି ଚିଠା ତାଲିକା ପ୍ରସ୍ତୁତ କରାଯାଇଛି। ୫ ଜୁଲାଇରୁ ଏହି ତାଲିକା ସର୍ବସାଧାରଣଙ୍କ ଅବଲୋକନ ପାଇଁ ଉପଲବ୍ଧ ରହିଛି।

ଶ୍ରାବଣ ଛତୁ ୨,୦୦୦ ଟଙ୍କାରେ ବିକ୍ରି

ଆକାଶ ଛୁଆଁ ଦରରେ ବିକ୍ରି ହେଉଛି ଶ୍ରାବଣ ଛତୁ

କୋଟପାଡ଼ ,୬।୭ : କୋଟପାଡ଼ ଅଞ୍ଚଳର ଦୈନିକ ବଜାରରେ ପନିପରିବା ଦର ବହୁ ମାତ୍ରାରେ ବଢିଥିଲା ବେଳେ, ବିଗତ ଦିନରେ ବଡା ଛତୁ ମଧ୍ୟ ଚଢ଼ା ଦରରେ ବିକ୍ରି ହୋଇଥିଲା,ଆଜି ଚଳିତ ବର୍ଷରେ ପ୍ରଥମ ଶ୍ରାବଣ ଛତୁ ବଜାରରେ ମିଳିଥିବାର ନଜର ଆସିଥିଲା, କିନ୍ତୁ ଛତୁର ଦାମ ଆକାଶ ଛୁଆଁ, ଶ୍ରାବଣ ଛତୁ ପ୍ରତି କିଲରେ ବିକ୍ରି ହେଉଛି ୨ ହଜାର ରୁ ୧୫୦୦ ଟଙ୍କା ମଧ୍ୟରେ,ଖାଉଟି ମାନେ ଏହି ଚଢ଼ାଦାମରେ ଶ୍ରାବଣ ଛତୁ କିଣି ନେଉଛନ୍ତି କିନ୍ତୁ ଗରିବ ଖାଉଟି ମାନେ କିଣିବା ବହୁତ କଷ୍ଟ ଏବଂ ଏହିପରି ଚଢ଼ାଦାମରେ ବିକ୍ରି ହେଉଥିବା ବେଳେ ଗ୍ରାହକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିବା ସହିତ ପ୍ରଶାସନ ତରଫରୁ କଳାବଜାରୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ପଦକ୍ଷେପ ନେବା ପାଇଁ ଦାବୀ ହେଉଥିବାର ଦେଖିବାକୁ ମିଳିଛି,ତୋ ଦେଖାଯାଉ ଆଗାମୀ ଦିନରେ ପ୍ରଚୁର ପରିମାଣ ଛତୁ ବଜାରରେ ବାହାରିଲେ ନିଶ୍ଚିତ ଭାବରେ ଖାଉଟି ଗ୍ରାହକ ମାନଙ୍କୁ କେତେ କମ ଦରରେ ଶ୍ରାବଣ ଛତୁ ମିଳିବ ଦେଖିବାକୁ ବାକି ରହିଲା

ସହଦେବଖୁଣ୍ଟା ସ୍ୱାସ୍ଥ୍ୟକେନ୍ଦ୍ର ଓ ମ୍ୟୁନିସିପାଲ୍ ହାଇସ୍କୁଲ୍
ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର,୬।୭ : ସହଦେବଖୁଣ୍ଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଓ ମ୍ୟୁନିସିପାଲ୍ ହାଇସ୍କୁଲ୍‌ରେ ଶିକ୍ଷକ ଅଭାବ ଦୂର କରିବା ଦାବିରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣୀରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସହଦେବଖୁଣ୍ଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ମୁଖ ପାଚେରୀ ଭାଙ୍ଗିଯାଇଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଏହାର ମରାମତି କାର୍ଯ୍ୟ ହୋଇପାରୁନାହିଁ। ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ରହିଥିବା ବେଆଇନ ଜବରଦଖଲ ଯୋଗୁଁ ପ୍ରାଚୀର ନିର୍ମାଣରେ ବାଧା ସୃଷ୍ଟି ହେଉଥିବା ସହ ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଜରୁରୀକାଳୀନ ଯାନବାହନ ଯାତାୟାତରେ ଅସୁବିଧା ହେଉଛି। ଏହି ଜବରଦଖଲ ଉଚ୍ଛେଦ ପାଇଁ ସ୍ୱାସ୍ଥ୍ୟ ଅଧିକାରୀ ଓ ରୋଗୀ କଲ୍ୟାଣ ସମିତି ପକ୍ଷରୁ ବାରମ୍ବାର ଜିଲ୍ଲା ପ୍ରଶାସନଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିବା ଦାବି କରାଯାଇଛି। ସେହିପରି ବାଲେଶ୍ୱର ମ୍ୟୁନିସିପାଲ୍ ହାଇସ୍କୁଲ୍‌ରେ ଦୁଇଜଣ ଶିକ୍ଷକଙ୍କ ବଦଳି ଏବଂ ଦୁଇଜଣଙ୍କ ଅବସର ପରେ ମୋଟ ୪ଟି ଶିକ୍ଷକ ପଦ ଖାଲି ପଡ଼ିଥିବାରୁ ଶିକ୍ଷାଦାନ ବ୍ୟବସ୍ଥା ବ୍ୟାହତ ହେଉଛି। ଶିକ୍ଷକ ଅଭାବ କାରଣରୁ ଗୋଟିଏ ଶ୍ରେଣୀଗୃହରେ ଶତାଧିକ ଛାତ୍ରଛାତ୍ରୀଙ୍କୁ ଏକାଠି ପାଠପଢ଼ା କରିବାକୁ ପଡୁଥିବାରୁ ତୁରନ୍ତ ଖାଲି ପଦବୀ ପୂରଣ ପାଇଁ ଦାବି କରାଯାଇଛି। ସ୍ଥାନୀୟ କାଉନ୍ସିଲରଙ୍କ ସମେତ ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ, ସରସ୍ୱତୀ ପଣ୍ଡା ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଉଭୟ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଦାବି ଜଣାଇଛନ୍ତି।

ଚାଉଳିଆଗଞ୍ଜରେ ବିଦେଶୀ ମଦ ଦୋକାନର ଶୁଭାରମ୍ଭ

ନକଲି ମଦକୁ ରୋକିବା ସହ ସରକାରୀ ଦରରେ ଗୁଣାତ୍ମକ ମଦ ଯୋଗାଣ ଉପରେ ଗୁରୁତ୍ୱ

ଫୁଲନଖରା,୬।୭ : କଟକ ଚାଉଳିଆଗଞ୍ଜ ନିଉ ଗୋଲ ବଜାର ଅଞ୍ଚଳରେ ଏକ ନୂତନ ବିଦେଶୀ ଠିପି ବନ୍ଦ ମଦ ଦୋକାନର ଶୁଭ ଉଦ୍ଘାଟନ ଅନୁଷ୍ଠିତ ହୋଇଛି। ସମାଜସେବୀ ଶିବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ଦୋକାନର ଉଦ୍ଘାଟନ କରିଥିଲେ। ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ବିଗତ କିଛି ଦିନ ମଧ୍ୟରେ କଟକ ସହରରେ ନକଲି ଓ ଅପମିଶ୍ରିତ ମଦ ପାନ କରି ଅନେକ ଲୋକଙ୍କ ଧନଜୀବନ କ୍ଷତିଗ୍ରସ୍ତ ହୋଇଥିବା ଘଟଣା ସାମ୍ନାକୁ ଆସିଛି। ଏଭଳି ଘଟଣାର ପୁନରାବୃତ୍ତିକୁ ରୋକିବା ଏବଂ ଗ୍ରାହକଙ୍କୁ ସୁରକ୍ଷିତ ଓ ଅସଲି ମଦ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ଯୋଗାଇ ଦେବା ଏହି ଦୋକାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଦୋକାନ ପକ୍ଷରୁ କୁହାଯାଇଛି। ଦୋକାନ ମାଲିକ କହିଛନ୍ତି ଯେ, ସରକାରଙ୍କ ସମସ୍ତ ନିୟମକାନୁନକୁ କଡ଼ାକଡ଼ି ପାଳନ କରାଯିବ। ସେହିପରି ଦୋକାନ ପରିସର ଓ ସ୍ଥାନୀୟ ରାସ୍ତାରେ ଅନାବଶ୍ୟକ ଭିଡ଼ ନିୟନ୍ତ୍ରଣ ଉପରେ ବିଶେଷ ଗୁରୁତ୍ୱ ଦେଇ ବ୍ୟବସାୟ ପରିଚାଳନା କରାଯିବ। ଗ୍ରାହକମାନଙ୍କୁ ସରକାରଙ୍କ ଧାର୍ଯ୍ୟ ମୂଲ୍ୟରେ ମାନସମ୍ପନ୍ନ ଓ ଅସଲି ମଦ ଉପଲବ୍ଧ କରାଇବା ସହ ନକଲି ମଦ ପାନ ଯୋଗୁଁ ଆଉ କୌଣସି ଅଘଟଣ ନ ଘଟୁ, ସେଥିପାଇଁ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati   Executive Editor : Satyajit Mohapatra   Managing Editor : Jitendra Ku. Pati